ଜାତକ
କଥା
୨

ଭାଗୀରଥି ନେପାକ

(୧୯୬୮)

[illegible]

ଜେ ମହାପାତ୍ର ୭୩ କୋ.

Digitized by srujanika@gmail.com



ବହୁଦିନ ପୂର୍ବେ ଗୋଟିଏ ପକ୍ଷୀ ହିମାଳୟରେ ବାସ କରୁଥିଲା । ତା' ସାଙ୍ଗରେ ଶତାଧିକ ପକ୍ଷୀ ଥିଲେ । ସେହି ପକ୍ଷୀଟି ବଡ଼ ଯୁଦ୍ଧପ୍ରିୟ ଓ ଉଗ୍ରସ୍ୱଭାବର ଥିଲା । ଅନ୍ୟ ସମସ୍ତ ସରଳ, ସାଧାରଣ ପକ୍ଷୀମାନେ ତାର କଥା ମାନି ଚଳୁଥିଲେ । ଦିନେ ସେ ଦେଖିଲା, ଶସ୍ୟରେ ଭରପୂର ଅନେକ ଶଗଡ଼ ରାଜମାର୍ଗରେ ଯାଉଛି । ରାସ୍ତା ଉପରେ ଧାନ, ମୁଗ ଆଦି ଅନେକ ଶସ୍ୟ ବିଚ୍ଛୁରିତ ହୋଇ ପଡ଼ିଛି । ଏପରି ଭଲ ଭଲ ଅନେକ ଖାଇବା ଜିନିଷ ଦେଖି ତା' ପାଟିରୁ ଲାଳ ଗଡ଼ିଲା । ମନେ ମନେ ଭାବିଲା, ଯଦି ସେସବୁ ଏଇଠି ପଡ଼ିରହନ୍ତା, କେତେ ଭଲ ହୁଅନ୍ତା ନାହିଁ ସତରେ ! ପ୍ରତ୍ୟହ ବିନାପରିଶ୍ରମରେ ଓ ଆରାମରେ ଏତେ ଭଲ ଜିନିଷ ଖାଇବାକୁ ମିଳନ୍ତା ! ଏପରି ଭାବିଲା ବେଳେ ସେ ଆତ୍ମବିଭୋର ହୋଇ ପଡ଼ୁଥିଲା ଓ ତା ମନ ଆନନ୍ଦରେ କୁରୁଳି ଉଠୁଥିଲା । ଆକସ୍ମିକ ଭାବରେ ତାର ମନେପଡ଼ିଗଲା ଯେ, ଯଦି ଅନ୍ୟ ପକ୍ଷୀମାନଙ୍କୁ ଏହି ରାସ୍ତାର ଠିକଣା ମିଳିଯାଏ, ତାହାହେଲେ ସବୁପକ୍ଷୀ ଏଇଠି ଠୁଳ ହୋଇଯିବେ । ତାହା ହେଲେ ଆରାମରେ ଖାଇବା ମଜା ଆଉ ରହିବ ନାହିଁ । ମନେ ମନେ ଭାବିଲା, ଏପରି ଉପାୟ ବାହାର କରିବାକୁ ହେବ, ଯଦ୍ଦ୍ୱାରା ଅନ୍ୟ ପକ୍ଷୀମାନେ ସେଠାକୁ ଆଉ ଆସିବେ ନାହିଁ । ଅବଶେଷରେ ସେ ଗୋଟିଏ ଉପାୟ ସ୍ଥିର କଲା । ସେ ପକ୍ଷୀମାନଙ୍କୁ ଯାଇ ଉପଦେଶ ଦେଲା, ରାଜପଥ ବଡ଼ ବିପଦସଙ୍କୁଳ ହୋଇ ପଡ଼ିଛି । ସେଇଠି ହାତୀ, ଘୋଡ଼ା ଓ ମାରଣା ବଳଦ ଯୋଗୁ ହୋଇଥିବା ଶଗଡ଼ସବୁ ଯିବା ଆସିବା କରୁଛି । ଶଗଡ଼ସବୁ ଏପରି ବେଗରେ

ଟ ୪-୦୦

Digitized by srujanika@gmail.com

ଯିବା ଆସିବା କରୁଛନ୍ତି ଯେ, ସେମାନେ ସେପରି ବେଗରେ ଉଡ଼ି ପାରିବେ ନାହିଁ । ସେଇଠିକି ଯିବା ଅର୍ଥ ହାଣ୍ଡି, ଘୋଡ଼ା ଓ ବଳଦ ଖୁରାରେ ଦଳି ହୋଇଯିବା । ତେଣୁ ସେଠାକୁ କେହି ହେଲେ ଯିବା ଉଚିତ ନୁହେଁ ।

ପକ୍ଷୀମାନେ ତାହାର କଥା ମାନି ରାଜପଥକୁ ଆଉ ଖାଦ୍ୟ ଅନ୍ୱେଷଣରେ ଗଲେ ନାହିଁ । ତା'ପରେ ଆଉ ଚିନ୍ତା କରିବାର କ'ଣ ଅଛି ? ଲୋଭୀ ପକ୍ଷୀଟି ନିଶ୍ଚିନ୍ତ ମନରେ ରାଜପଥ ଉପରେ ପଡିରହିଲା ଏବଂ ଭଲ ଭଲ ଦାନା ପେଟପୂରାଇ ଖାଇଲା । ଦିନେ ସେ ରାଜପଥ ଉପରେ ରନ୍ଧା ଦାନା ଗେଣ୍ଡାଉଛି, ଖୁବ୍ ଜୋରରେ ଧାଇଁଆସୁଥିବା ଗୋଟିଏ ଶଗଡ଼ର ଶବ୍ଦ ଶୁଣିବାକୁ ପାଇଲା । ସେ ପଛମୋଡ଼ି ଦେଖିଲା, ଦୂରରେ ଗୋଟିଏ ଶଗଡ଼ ଆସୁଛି । ଶଗଡ଼ ପହଞ୍ଚିବାକୁ ବିଳମ୍ବ ଅଛି ବୋଲି ସେ ପୂର୍ବପରି ଦାନା ଗେଣ୍ଡାଇବାକୁ ଲାଗିଲା ; କିନ୍ତୁ ପବନର ବେଗ ତୀବ୍ର ହେବାରୁ ଓ ଶଗଡ଼ ପକ୍ଷରେ ତାହା ଅନୁକୂଳ ହେବାରୁ, ଶଗଡ଼ଟି ଅତି ଶୀଘ୍ର ଆସି ହାବୁଡ଼ି ଗଲା । ଭୟରେ ପକ୍ଷୀଟି ଅସ୍ଥିର ହୋଇ ଉଠିଲା ଏବଂ ସେଇଠୁ ଆଉ ଉଡ଼ିଯାଇ ପାରିଲା ନାହିଁ । ଶଗଡ଼ ଚକତଳେ ସେ ମାଡ଼ି ହୋଇଗଲା ।

ପକ୍ଷୀମାନେ ତାକୁ ଅନେକ ଦିନ ପର୍ଯ୍ୟନ୍ତ ଦେଖିବାକୁ ନ ପାଇ ତାର ସନ୍ଧାନ ନେଲେ । ଖୋଜିଖୋଜି ସେମାନେ ଅବଶେଷରେ ଦେଖିବାକୁ ପାଇଲେ ଯେ, ପକ୍ଷୀଟି ଦୁଇ ଟୁକୁଡ଼ା ହୋଇ ପଡ଼ିଛି । ସେହି ରାସ୍ତା ଉପରେ ସେ ନିଜେ ମରି ପଡ଼ିଛି, ଯେଉଁଠାକୁ ଯିବାକୁ ସେ ସମସ୍ତଙ୍କୁ ମନା କରୁଥିଲା ।

ସେମାନେ ଭାବି ସ୍ଥିରକଲେ, ଯିଏ ନିଜେ ଲୋଭୀ ହୋଇ ନିଜର ସ୍ୱାର୍ଥ-ସାଧନ ଉଦ୍ଦେଶ୍ୟରେ ଅନ୍ୟମାନଙ୍କୁ ଉପଦେଶ ଶୁଣାଏ, ତାର ଏହି ପକ୍ଷୀ ପରି ଦଶା ହୁଏ ।

ପକ୍ଷୀମାନେ ଏହାପରେ ପୁଣି ସ୍ୱମାଳୟକୁ ଫେରିଗଲେ ଏବଂ ଆନନ୍ଦରେ କାଳଯାପନ କରିବାକୁ ଲାଗିଲେ ।

Digitized by srujanika@gmail.com

ଚତୁର ଯାଯାବର

ବନାରସରେ ସତ୍ୟବାହ ନାମକ ଜଣେ ଯାଯାବର ବାସ କରୁଥିଲା । ଥରେ ବୋଧିସତ୍ତ୍ୱ ସେହି ଯାଯାବର ଘରେ ଜନ୍ମଗ୍ରହଣ କଲେ । ବଡ଼ ହୋଇ ସେ ବାପାଙ୍କର ବ୍ୟବସାୟ ସମ୍ଭାଳିଲେ ।

ଥରେ ସେ ଛଅଟି ଶଗଡ଼ରେ ମୂଲ୍ୟବାନ ଜିନିଷପତ୍ର ବୋଝାଇ କରି ପୂର୍ବାଞ୍ଚଳକୁ ବ୍ୟବସାୟ କରିଯିବାପାଇଁ ପ୍ରସ୍ତୁତ ହେଲେ । ବନାରସରେ ଆଉ ଏକ ଯାଯାବର ପୁଅ ଥିଲା । ସେ କିନ୍ତୁ ଅତ୍ୟନ୍ତ ନିର୍ବୋଧ ଓ ମୂର୍ଖ ଥିଲା । ବୋଧିସତ୍ତ୍ୱ ପୂର୍ବାଞ୍ଚଳକୁ ବ୍ୟବସାୟ କରିଯିବାକୁ ପ୍ରସ୍ତୁତ ହେଉଥିବା ଦେଖି ସେ ନିଜେ ମଧ୍ୟ ଯିବାକୁ ନିଷ୍ପତ୍ତି କଲା ।

ଯେତେବେଳେ ବୋଧିସତ୍ତ୍ୱ ଜାଣିବାକୁ ପାଇଲେ ଯେ, ସେହି ନିର୍ବୋଧ ଯାଯାବର ପୁଅ ମଧ୍ୟ ବାଣିଜ୍ୟ ପାଇଁ ପୂର୍ବାଞ୍ଚଳକୁ ଯିବାକୁ ନିଷ୍ପତ୍ତି କରୁଛି ; ସେ ଭାବିଲେ ଏ ଯାତ୍ରା ନିଷ୍ପତ୍ତି ଦୁଃଖଦାୟକ ହେବ । କାରଣ ଗମନାଗମନ ପଥ ଅତ୍ୟନ୍ତ ସଂକୀର୍ଣ୍ଣ । ଏତେ ଶଗଡ଼ ଏକାଠି ଗଲେ, ରାସ୍ତା ଭଲ ହେବ ନାହିଁ । ଏତେ ଲୋକଙ୍କପାଇଁ ଖାଇବା ବ୍ୟବସ୍ଥା, ରହିବା ସ୍ଥାନ, ବଳଦମାନଙ୍କପାଇଁ

Digitized by srujanika@gmail.com

ଘାସ ଆଉ ଦାନା ଯୋଗାଡ଼ କରିବା କଠିନ ହେବ । ତେଣୁ ସେ ନିଜେ ଆଗେ ଯିବେ ବୋଲି ସ୍ଥିର କଲେ ।

ସେହି ନିର୍ବୋଧ ଯାଯାବର ବିଚାରିଲା, ପ୍ରଥମେ ଯିବାଟା ଲାଭଜନକ ହେବ । ସଫା ସୁତୁରା ରାସ୍ତା ମିଳିବ, ବଳଦଙ୍କପାଇଁ ଘାସ ଦାନା ଯଥେଷ୍ଟ ମିଳିପାରିବ ଓ ତା' ସଙ୍ଗକୁ ସାଥୀମାନଙ୍କର ଖାଇବାପିଇବା ମଧ୍ୟ ସୁବିଧା ହେବ । ତା' ଛଡ଼ା ଗ୍ରାହକମାନଙ୍କୁ ଇଚ୍ଛାନୁଯାୟୀ ଦାମ୍‌ରେ ଜିନିଷ ବିକିବା ବି ହେବ । ସେ କ୍ଷେତ୍ରରେ କୌଣସି ପ୍ରତିଯୋଗୀ ରହିବେ ନାହିଁ । ଏସବୁ ବିଚାରି ଆଲୋଚନା କରି ସେ ବୋଧିସତ୍ତ୍ୱଙ୍କୁ କହିଲା, 'ବନ୍ଧୁ ! ମୁଁ ପ୍ରଥମେ ଯିବି ।

କିନ୍ତୁ ବୋଧିସତ୍ତ୍ୱ ପଛରେ ଗଲେ ଲାଭ ହେବ ବୋଲି ସ୍ଥିର କଲେ । ସେ ଭାବିଲେ, ଯିଏ ପ୍ରଥମେ ଯିବ ସେ ଅସମତଳ ରାସ୍ତା ସଜାଡ଼ି ସମତଳ କରିବ । ସମତଳ ରାସ୍ତାରେ ମୋ'ଶଗଡ଼ ଯିବା ସୁବିଧାଜନକ ହେବ । ତାର ବଳଦମାନେ ପଥପାର୍ଶ୍ୱର ବୁଢ଼ା ପାଚିଲା ଘାସ ଖାଇଯିବେ । ମୁଁ ଗଲାବେଳେ ଆମର ବଳଦମାନଙ୍କୁ ନୂଆ କଅଁଳୁଥିବା କଅଁଳ ଘାସ ଖାଇବାକୁ ମିଳିବ । ମୋତେ ଓ ମୋର ସାଥୀମାନଙ୍କୁ ନୂଆ ଓ କଅଁଳ ପନିପରିବା ଜୁଟିବ । ତା'ପରେ ପଥପାର୍ଶ୍ୱରେ ନୂଆକରି ଖୋଳାହୋଇଥିବା କୂଅରୁ ଆମେ ପାଣି ପାଇପାରିବୁ । ଗ୍ରାହକମାନଙ୍କୁ ମନାଇ ବୁଝାଇ ଦରଦାମ୍ ଠିକ୍ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ସେ ପ୍ରଥମେ ଯାଇ ଗ୍ରାହକମାନଙ୍କୁ ଜିନିଷପତ୍ରର ଦରଦାମ ସମ୍ପର୍କରେ ଠିକ କରାଇ ଦେଇଥିବ । ଆମେ ଗଲେ ଜିନିଷ ବିକ୍ରୀ ସକାଶେ ଅସୁବିଧା ଭୋଗିବା ପାଇଁ ପଡ଼ିବ ନାହିଁ ।

ନିର୍ବୋଧ ଯାଯାବରଟି ସହର ଛାଡ଼ି ମରୁଅଞ୍ଚଳର ଆଡ଼ୁର ଆଗରେ ପଡ଼ୁଥିବା ଦେଶ ଉଦ୍ଦେଶ୍ୟରେ ଯାତ୍ରାକଲା । ଏହିପରି ଯାଉ ଯାଉ ସେମାନଙ୍କ ଶଗଡ଼ସବୁ ମରୁ ଅଞ୍ଚଳର ଏପରି ଏକ ସ୍ଥାନରେ ପହଞ୍ଚିଲା, ଯେଉଁଠି ଗୋଟିଏ ଅସୁର ତାର ବଳବଳ ନେଇ ବାସକରୁଥିଲା । ସେହି ଅସୁରଟି ଆଗରେ ଅନେକ ଶଗଡ଼ ଆସୁଥିବାର ଦେଖିପାରିଲା । ସେ ତାର ସାଥୀ ସାଙ୍ଗମାନଙ୍କୁ କହିଲା, ତୁମେ ସବୁ ମାୟା ବଳରେ ଓଦାଲୁଗା ପିନ୍ଧି ପକାଅ । ବେକରେ ପଦ୍ମଫୁଲ ମାଳ ଲଗାଇ ପଦ୍ମଫୁଲର ମଞ୍ଜି ଖାଇ ଖାଇ ମୋ ସଙ୍ଗରେ ଆସ । ଏହା ଦେଖି ଶଗଡ଼ର ଯାଯାବର ଭାବିବ, ପାଖରେ କୌଣସି ପୁଷ୍କରିଣୀ ଅଛି । ଏହା ଭାବି ସେ ପାଖରେ ଥିବା ଜଳପାତ୍ର ସବୁ ଶୂନ୍ୟ କରି ଦେବ । ତା'ପରେ ସେ ଏହି ମରୁଭୂମିରେ ପିଇବାକୁ ଟୋପେ ପାଣି ବି ପାଇବ

Digitized by srujanika@gmail.com

ନାହିଁ । ଏତଦ୍ବାରା ଆମେ ଅତି ସହଜରେ ଶୋଷରେ ମରିଯାଇଥିବା ବହୁ ଲୋକଙ୍କୁ ଖାଇବାକୁ ପାଇବା ।

ଅସୁରର ସାଙ୍ଗସାଥୀମାନେ ସେଇଆ କଲେ । ତା'ପରେ ଅସୁର-ସର୍ଦ୍ଦାର ନିଜେ ମାୟାବଳରେ ରାଜାବେଶ ଧାରଣ କଲା ଓ ରଥଉପରେ ଚଢ଼ି, ସାଥି ସାଙ୍ଗମାନଙ୍କୁ ସଙ୍ଗରେ ନେଇ ଯାଯାବର ପାଖରେ ଯାଇ ପହଞ୍ଚିଲା । ନିର୍ବୋଧ ଯାଯାବର ସେମାନଙ୍କୁ ଦେଖି ପ୍ରଶ୍ନ କଲା, କ'ଣ ପାଖରେ କେଉଁଠି ପୋଖରୀ ଅଛି ନା କ'ଣ ?

ଅସୁର ସର୍ଦ୍ଦାର ଉତ୍ତର ଦେଲା, ହଁ ହଁ, ଏଇ ସାମନାରେ ପିଇବା ପାଣିର ବଡ଼ପୁଷ୍କରିଣୀଟିଏ ଅଛି । ସେଇଠି ବି ଘନଘୋର ବର୍ଷା ହେଉଛି । ଆମେ କିମିତି ବର୍ଷାରେ ଓଦା ହୋଇଯାଇଛୁ, ତାହା କ'ଣ ଦେଖି ପାରୁନାହଁ ? ଆମ ରଥଚକ କାଦୁଅ ସରସର । ଆଗ ରାସ୍ତା ବର୍ଷା ଯୋଗୁଁ କାଦୁଅ ହୋଇ ଯାଇଛି । ଆଚ୍ଛା କହିଲ, ତୁମେ ସବୁ କୁଆଡେ ଯାଉଚ ? ଜଣାପଡୁଛି, ତୁମର ପଛ ଶଗଡ଼ ସବୁ ଭାରି ହୋଇଛି । ତହିଁରେ କଅଣ ସବୁ ବୋଝାଇ କରିଚ ?

ନିର୍ବୋଧ ଯାଯାବର ଉତ୍ତର ଦେଲା, ଆମେ ସବୁ ବନାରସରୁ ଆସୁଛୁ । ପୂର୍ବାଞ୍ଚଳକୁ ବାଣିଜ୍ୟ କରିବାପାଇଁ ଯିବୁ । ଏଇ ଶଗଡ଼ମାନଙ୍କରେ ମୂଲ୍ୟବାନ ଜିନିଷସବୁ ରହିଛି । ପଛ ଶଗଡ଼ରେ ପିଇବା ପାଣି ରଖିଛୁ ।

ଅସୁର-ସର୍ଦ୍ଦାର ଏହା ଶୁଣି ହସିଦେଇ କହିଲା, ପାଣି ବୋଝରେ ଶଗଡ଼ ଗଡ଼ି ପାରୁନାହିଁ । କିଛିଦୂର ଆଗେଇ ଗଲେ ଅନେକ ପାଣି । ଏଇଠି ମାଠିଆ ସବୁ ଖାଲି କରିଦେଇ ବୋଝ ଊଣାକର । ବୋଝ କମିଗଲେ ଶଗଡ଼ ସବୁ ଶୀଘ୍ର ଶୀଘ୍ର ଯାଇପାରିବେ । ଏବେ ଆଉ ପାଣିର ଚିନ୍ତା କାହିଁକି ? ଆରାମରେ ଯାଅ ।

ସେହି ନିର୍ବୋଧ ଯାଯାବର ମାୟାବେଶୀ ଅସୁର କଥାରେ ପଡ଼ିଗଲା । ସେ ମାଠିଆମାନଙ୍କରେ ଛିଦ୍ରକରି ଶଗଡ଼ର ବୋଝ ହାଲୁକା କରିଦେଲା ଓ ଶଗଡ଼ ଅଡ଼େଇ ଲାଗିଲା ; କିନ୍ତୁ ଅନେକ ଦୂର ପର୍ଯ୍ୟନ୍ତ ପାଣି କିମ୍ବା ସବୁଜ ତୃଣଭୂମି ଦୃଷ୍ଟିଗୋଚର ହେଲା ନାହିଁ । ସେମାନେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେମିତି ଭାବରେ ଯାତ୍ରାକଲେ । ଶେଷରେ କ୍ଳାନ୍ତ ହୋଇ ବିଶ୍ରାମ ନେଲେ । ଶୋଷଯୋଗୁ ମଣିଷ ଓ ବଳଦ ଉଭୟଙ୍କର ବଣା ହ'ଗଣ୍ଡା ହ'କଡା । ସମସ୍ତେ ଶୋଷରେ ଛଟପଟ ହୋଇ ଅଜ୍ଞାନ ହୋଇପଡ଼ିଲେ । ସୁବିଧା ଦେଖି ସେହି ଅସୁର-ସର୍ଦ୍ଦାର ନିଜର ଦଳବଳ ନେଇ ସେଠାରେ ପହଞ୍ଚିଲା ଏବଂ ସମସ୍ତଙ୍କୁ ଖାଇଗଲା । ନିର୍ବୋଧ ଯାଯାବରର ମୂର୍ଖତା ହେତୁ ତାର ସାଙ୍ଗସାଥିମାନେ ବି ମୃତ୍ୟୁ ମୁଖରେ

Digitized by srujanika@gmail.com

ପଡ଼ିଲେ । ମରୁଭୂମି ଭିତରେ ମାଲମତା ଭର୍ତ୍ତି ହୋଇଥିବା ପାଞ୍ଚଶହ ଶଗଡ଼ ସେହିପରି ଛିଡ଼ା ହୋଇଥିଲା ।

ସେହି ନିର୍ବୋଧ ଯାଯାବର ଯାତ୍ରା ଆରମ୍ଭ କରିବାର ପନ୍ଦର କୋଡ଼ିଏ ଦିନ ପରେ, ବୋଧିସତ୍ତ୍ୱ ନିଜର ପାଞ୍ଚଶହ ଶଗଡ଼ରେ ଜିନିଷପତ୍ର ଲଦି ନିଜର ସାଥିମାନଙ୍କ ସାଙ୍ଗରେ ପୂର୍ବରୁ ଯାଇଥିବା ଯାଯାବରର ସେହି ରାସ୍ତାରେ ଯାତ୍ରା ଆରମ୍ଭ କଲେ ।

ମରୁଭୂମିରେ ପହଞ୍ଚିବା ପୂର୍ବରୁ ବୋଧିସତ୍ତ୍ୱ ବଡ଼ ବଡ଼ ପାତ୍ରରେ ପାଣି ଭର୍ତ୍ତି କରି ଶଗଡ଼ ଭିତରେ ରଖିଦେଲେ ଏବଂ ସମସ୍ତଙ୍କୁ ଡାକି କହିଲେ, ଦେଖ ଭାଇମାନେ, ମୋତେ ନ ପଚାରି ପାଣି ସାରିବ ନାହିଁ । ପୁଣି ଅଜଣା ଅଶୁଣା କୌଣସି ଜିନିଷ ଖାଇବ ନାହିଁ କି ଛୁଇଁବ ନାହିଁ । କାରଣ ଅଜଣା ଜିନିଷ ବିଷାକ୍ତ ହୋଇ ଥାଇପାରେ ।

ଏହିପରି ଭାବରେ ସମସ୍ତଙ୍କୁ ସତର୍କ କରାଇଦେଇ ସେ ମରୁଅଞ୍ଚଳ ଭିତରେ ପ୍ରବେଶ କଲେ । ଅସୁର-ସର୍ଦ୍ଦାର ବହୁଦୂରରୁ ଏମାନଙ୍କ ଆସିବା ଦେଖିଲାକ୍ଷଣି ପୂର୍ବପରି ସମସ୍ତଙ୍କୁ ମାୟାବେଶ ଧାରଣ କରିବାକୁ କହିଲା । ନିଜେ ରାଜାବେଶ ଧାରଣ କରି ରଥ ଉପରେ ଚଢ଼ି ଆସିଲା ଓ ବୋଧିସତ୍ତ୍ୱଙ୍କୁ ପୁଣି ପୂର୍ବପରି ବର୍ଷା, ପୁଷ୍କରିଣୀ ଇତ୍ୟାଦିର ମିଥ୍ୟା କାହାଣୀ ଶୁଣାଇ ପ୍ରତାରିତ କରିବାକୁ ଚାହିଁଲା ।

କିନ୍ତୁ ବୋଧିସତ୍ତ୍ୱ ଚତୁର ଥିଲେ । ସେ ଦେଖିଲେ, ରଥାରୋହଣକାରୀ ବ୍ୟକ୍ତି ନିଃସଙ୍କୋଚଭାବରେ କଥାବାର୍ତ୍ତା କରୁଛି । ତାର ଆଖି ଦୁଇଟି ଲାଲ୍‌ଲାଲ୍ ଦେଖାଯାଉଛି । ତା' ଦେହର ଛାଇ ନାହିଁ । ତେଣୁ ସେ ବୁଝିଲେ, ଲୋକଟି ମଣିଷ ନ ହୋଇ ଦୈତ୍ୟ ହୋଇ ଥାଇପାରେ । ଜଣାପାଉଛି, ଏହି ଦୈତ୍ୟ ନିର୍ବୋଧ ଯାଯାବରକୁ ନିଜ କଥାରେ ଭୁଲାଇ ମାରି ପକାଇଛି ; କିନ୍ତୁ ସେ ଜାଣେ ନାହିଁ ଯେ, ମୁଁ ତା' କଥାରେ ଭୁଲିଯିବା ଲୋକ ନୁହେଁ । ତେଣୁ ଦୈତ୍ୟ ଯେତେବେଳେ ପାଣିମାଠିଆ ସବୁ ଖାଲି କରିବାକୁ କହିଲା, ବୋଧିସତ୍ତ୍ୱ କହିଲେ, ଭାଇ, ତୁମେ ନିଜ ରାସ୍ତାରେ ଯାଅ । ଆମେ ବ୍ୟବସାୟୀମାନେ ଯେ ପର୍ଯ୍ୟନ୍ତ ପୁଷ୍କରିଣୀ ନ ଦେଖିବୁ, ସେତେବେଳ ପର୍ଯ୍ୟନ୍ତ ସାଙ୍ଗରେ ଥିବା ପାଣି ଫିଙ୍ଗିଦେବାର ପ୍ରଶ୍ନଇ ନାହିଁ ।

ଏହାଶୁଣି ଅସୁରଟି କିଛିଦୂର ଯିବା ପରେ ଅଦୃଶ୍ୟ ହୋଇଗଲା । ସେ ଚାଲିଯିବା ପରେ ବୋଧିସତ୍ତ୍ୱଙ୍କୁ ତାଙ୍କର ସାଥୀମାନେ ପଚାରିଲେ, ମହାଶୟ, ଆଗରେ ଯେ ପାଣି ଅଛି, ଏଥିରେ କିଛିମାତ୍ର ସନ୍ଦେହ ନାହିଁ । କାରଣ ଆମେ

Digitized by srujanika@gmail.com

ଯେଉଁସବୁ ଲୋକଙ୍କୁ ଏବେ ଦେଖିଲେ, ସମସ୍ତଙ୍କର ପିନ୍ଧାଲୁଗା ଓ ମୁଣ୍ଡର କେଶ ଓଦା ଥିଲା । ସମସ୍ତଙ୍କ ବେକରେ ପଦ୍ମଫୁଲର ହାର ଥିଲା । ସେମାନେ ପଦ୍ମକନ୍ଦା ଖାଉଥିଲେ । ସେମାନଙ୍କ ରଥଚକରେ କାଦୁଅ ଲାଗିଥିଲା, ଏଥିରୁ ତ ପ୍ରମାଣ ମିଳିଯାଉଛି ଯେ, ଆଗରେ ବର୍ଷା ହେଉଛି ଏବଂ ପୁଷ୍କରିଣୀରେ ପଦ୍ମଫୁଲ ଫୁଟିଛି । ଏପରିସ୍ଥଳେ ଆମେ ପାଣିର ବୋଝ ନେଇ ଯିବା ଉଚିତ ହେବ କି ? ବୋଝ କମିଗଲେ ଆମେ ସମସ୍ତେ ଅତିଶୀଘ୍ର ଯାଇ ପୁଷ୍କରିଣୀ ନିକଟରେ ପହଞ୍ଚିପାରିବା ।

ବୋଧିସତ୍ତ୍ୱ ସାଥୀମାନଙ୍କର ପ୍ରଶ୍ନ ଶୁଣି ଶଗଡସବୁ ବନ୍ଦ କରିବାକୁ କହିଲେ ଏବଂ ସମୁଦାୟ କଥାଟା ବୁଝାଇ କହିବାକୁ ସାଙ୍ଗସାଥିମାନଙ୍କୁ ଏକାଠି କଲେ । ତା'ପରେ ସମସ୍ତେ ଏକାଠି ହେବାରୁ ପଚାରିଲେ, ମେଘ ଘଡ଼ଘଡ଼ି ଓ ବିଜୁଳି ଆଲୁଅ କେତେଦୂରକୁ ଶୁଭେ ଓ ଦେଖାଯାଏ କହିପାରିବ ?

ସମସ୍ତେ କହିଲେ, ତାହା ତ ଅନେକଦୂର ପର୍ଯ୍ୟନ୍ତ ଶୁଭେ ଓ ଦେଖାଯାଏ ।

ଏହାଶୁଣି ବୋଧିସତ୍ତ୍ୱ ପୁଣି ପ୍ରଶ୍ନ କଲେ-ଆଚ୍ଛା, ତୁମମାନଙ୍କ ମଧ୍ୟରୁ କେହି ମେଘ ଘଡ଼ଘଡ଼ି ଶୁଣିପାରୁଛ କି ବିଜୁଳି ଆଲୁଅ ଦେଖିପାରୁଛ ?

ନାହିଁ ତ ! ସମସ୍ତେ ଉତ୍ତର ଦେଲେ ।

ବୋଧିସତ୍ତ୍ୱ କହିଲେ, ତାହା ହେଲେ ଜାଣିରଖ, ସେହି ମଣିଷ ଏକ ମାୟାବୀ ଦୈତ୍ୟ ଥିଲା । ସେ ଚାହୁଁଥିଲା, ଆମେ ପାଣି ସବୁ ଏହି ମରୁଭୂମିରେ ଫିଙ୍ଗି ଦେଇଥିଲେ, ଶୋଷରେ ଛଟପଟ ହୋଇ ମରିଥାନ୍ତୁ । ସେ ଆମ ସମସ୍ତଙ୍କୁ ଖାଇଯାଇଥାନ୍ତା । ମୁଁ ଦେଖୁଛି, ଆଗରୁ ଆସିଥିବା ଯାଯାବର ନିଶ୍ଚୟ ତାର କଥାରେ ପଡ଼ି ପାଖରେ ଥିବା ସବୁ ପାଣିତକ ପକାଇ ଦେଇଥିବ । ତା'ଫଳରେ ଶୋଷରେ ଛଟପଟ ହୋଇ ସମସ୍ତେ ମରିଯାଇଥିବେ । ତା'ପରେ ଏଇ ମାୟାବୀ ଅସୁରମାନେ ସେ ସମସ୍ତଙ୍କୁ ଖାଇ ଯାଇଥିବେ । ସେଥିପାଇଁ କହୁଛି, ସଙ୍ଗରେ ଥିବା ପାଣି ସମ୍ଭାଳି ରଖ ଓ ଶଗଡ଼ ଚଲାଅ ।

ସେମାନେ ଆଉ କିଛିଦୂର ଯିବା ପରେ ସନ୍ଧ୍ୟା ହେଲା । ସନ୍ଧ୍ୟାରେ ସେମାନେ ସେହି ସ୍ଥାନରେ ପହୁଞ୍ଚି ଯାଇଥିଲେ ଯେଉଁଠି ନିର୍ବୋଧ ଯାଯାବରର ପାଂଚଶହ ଜନଷବୋଝେଇ ଶଗଡ଼ ଛିଡ଼ା ହୋଇଥିଲା । ଶଗଡ଼ ଚାରିପଟେ ମଣିଷ ଓ ବଳଦମାନଙ୍କର ହାଡ଼ସବୁ ପଡ଼ିରହିଥିଲା ।

Digitized by srujanika@gmail.com

ବର୍ତ୍ତମାନ ଅସଲ କଥାଟା ବୁଝିନେବାକୁ ଆଉ ବିଳମ୍ବ ହେଲା ନାହିଁ ।

ରାତି ହେବାରୁ ବୋଧିସତ୍ତ୍ୱ ସେଇଠି ବିଶ୍ରାମ ନେବାକୁ କହିଲେ । ସେଇଠି ଲୋକେ ଖାଇବା ଜିନିଷ ପ୍ରସ୍ତୁତ କଲେ, ଅଣ୍ଡାପାଣି ପିଇଲେ, ବଳଦମାନଙ୍କୁ ଦାନାପାଣି ଦେଲେ ଓ ଶକଟଗଡ଼ରେ ଘେରବାନ୍ଧି ରାତି ଯାପନ କଲେ । ରାତିସାରା ବୋଧିସତ୍ତ୍ୱ ତରବାରି ଧରି ପହରା ଦେଇଲେ । ସକାଳ ହେବାରୁ ପୁଣି ସମସ୍ତେ ଯାତ୍ରା ଆରମ୍ଭ କଲେ । ନିକଟବର୍ତ୍ତୀ ସହରରେ ପହଞ୍ଚି ସେମାନେ ମୂଲ୍ୟବାନ ଜିନିଷପତ୍ର ଉଚିତ ମୂଲ୍ୟରେ ବିକି କରି, ସମସ୍ତଙ୍କ ସଙ୍ଗରେ କୁଶଳରେ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।

ବୁଦ୍ଧିମାନ୍ ଲୋକମାନେ ବହୁ ଦୂରକୁ ଭାବି ପାରନ୍ତି । ନ ବୁଝି ନ ସୁଝି କାମ କଲେ, ନିର୍ବୋଧ ଯାଯାବର ପରି ମୂର୍ଖତା ହେତୁ ମୃତ୍ୟୁବରଣ କରିଥାନ୍ତି ।

— — —

Digitized by srujanika@gmail.com

ଥରେ ବାରାଣସୀରେ ବ୍ରହ୍ମଦତ୍ତ ନାମରେ ଜଣେ ରାଜା ରାଜୁତି କରୁଥିଲେ । ସହର ବାହାରେ ରାଜାଙ୍କର ଏକ ବଡ଼ ବଗିଚା ଥିଲା । ସେହି ବଗିଚାରେ ଗୋଟିଏ ମାଳୀ କାମ କରୁଥିଲା । ଦିନେ ମାଳୀଟି ଶୁଣିଲା, ସହରରେ ରାଜା ଏକ ବଡ଼ ଉତ୍ସବର ଆୟୋଜନ କରିଛନ୍ତି । ଉତ୍ସବର ପ୍ରଶଂସା ଶୁଣି ଦୂର-ଦୂରାନ୍ତରୁ ଲୋକମାନେ ତାହା ଦେଖିବାକୁ ଆସୁଥିଲେ । ସମଗ୍ର ସହରଟି ଉତ୍ସବ-ମୁଖରିତ ହୋଇ ଉଠିଥିଲା ; କିନ୍ତୁ ମାଳୀଟି ଯାଇ ପାରିଲା ନାହିଁ । ଉତ୍ସବ ଦେଖିବା ସକାଶେ ତା' ମନ ଛନଛନ ହେଲା । ସେ ଭାବିଲା, ମୁଁ ତ ଉତ୍ସବ ଦେଖିବାକୁ ଚାଲିଯିବି, ବଗିଚା ଗଛରେ ପାଣି ଦେବ କିଏ ? ପାଣି ବିନା ଗଛ ସବୁ ତ ଶୁଖିଯିବ ।

ଏମିତି ବିଚାର କରୁ କରୁ ତା'ମନକୁ ଗୋଟିଏ ବୁଦ୍ଧି ଯୁଟିଲା । ସେହି ବଗିଚାରେ ବହୁତ ମାଙ୍କଡ଼ ରହୁଥିଲେ । ମାଳୀଟି ସେହି ମାଙ୍କଡ଼ମାନଙ୍କ ପାଖକୁ ଗଲା ଏବଂ ମାଙ୍କଡ଼ମାନଙ୍କ ସର୍ଦ୍ଦାରକୁ ଡାକି କହିଲା, ଦେଖ, ରାଜାଙ୍କର ଏହି ବଗିଚାରେ ତୁମର ବି ଅନେକ କାମ କରିବାର ଅଛି । ତୁମେ ସବୁ ବଗିଚାର ଫୁଲ ଫଳ ଖାଉଛ ଓ ଆରାମରେ ଦିନ କାଟୁଛ । ସେଥିପାଇଁ ତୁମେ ମଧ୍ୟ ଏ ବଗିଚାରେ କିଛି କାମ କରିବା ଉଚିତ । ସହରରେ ଉତ୍ସବ ହେଉଛି । ମୁଁ ସେହି ଉତ୍ସବ ଦେଖିବାକୁ ଯିବି । ସେଇଠି ମୋତେ ଦିନେ ଦି' ଦିନ ଲାଗିଯିବ । ମୁଁ ଫେରି ଆସିବାଯାଏ ବଗିଚାରେ ପାଣି ମଡ଼ାଇ ପାରିବ ?

ଆଚ୍ଛା, ପାଣି ମଡ଼ାଇଦେବା । ମାଙ୍କଡ଼ମାନଙ୍କର ସର୍ଦ୍ଦାର କହିଲା । ବଗିଚାର ସବୁମାଙ୍କଡ଼ ମୁଣ୍ଡ ହଲାଇ ସ୍ୱୀକୃତି ପ୍ରଦାନ କଲେ ।

Digitized by srujanika@gmail.com

ମାଳୀଟି ମାଙ୍କଡ଼ମାନଙ୍କ ନିକଟରୁ ସ୍ୱୀକୃତି ହାସଲ କରି ଖୁବ୍ ଖୁସି ହୋଇ-ଗଲା । ତା'ପରେ କହିଲା, ଦେଖ, ଅଳସୁଆ ହେବ ନାହିଁ । ଏହା କହି ସେ ବଗିଚାରେ ପାଣି ମଡ଼ାଇବା ଜିନିଷପତ୍ର ମାଙ୍କଡ଼ମାନଙ୍କୁ ଦେଲା ଓ କହିଲା, ଯେଉଁ ଗଛର ଚେର ଯେତେ ଅଧିକ ଗଭୀରକୁ ଯାଇଥିବ ତହିଁରେ ଅଳ୍ପ ଗଭୀରକୁ ଯାଇଥିବା ଗଛ ଅପେକ୍ଷା ଅଧିକ ପାଣି ଢାଳିବ । ନ ହେଲେ ଗଛ ମରିଯିବ ।

ମାଳୀ ଚାଲିଯିବା ପରେ ମାଙ୍କଡ଼ମାନେ ଖୁବ୍ ଯତ୍ନ ସହକାରେ ବୃକ୍ଷଗଛ-ମାନଙ୍କରେ ପାଣି ଦେବାକୁ ଲାଗିଲେ । ମାଳୀ ଯେଉଁପରି ଶ୍ରେଷ୍ଠ ଶ୍ରେଷ୍ଠ ଗଛରେ ଅତି ସାବଧାନତା ସହକାରେ ପାଣି ଦେଉଥିଲା, ମାଙ୍କଡ଼ମାନେ ତାହା ଦେଖି ଥିଲେ । ମାଳୀର ଅନୁପସ୍ଥିତିରେ ସେମାନେ ମଧ୍ୟ ଖୁବ୍ ସାବଧାନତା ସହକାରେ ଶ୍ରେଷ୍ଠ ଶ୍ରେଷ୍ଠ ଗଛ ଓ କିଆରିରେ ପାଣି ମଡ଼ାଇଲେ । ସେମାନେ ଚାହୁଁଥିଲେ, ପାଣି ମଡ଼ାଇବାରେ ସାମାନ୍ୟତମ ତ୍ରୁଟି ନ ରହୁ । ସେମାନେ ସମସ୍ତେ ହିଁ ଖୁବ୍ ସତର୍କତା ଅବଲମ୍ବନ କରିଥିଲେ ।

ମାଙ୍କଡ଼ମାନଙ୍କ ଦଳପତି ମନ ମଧ୍ୟରେ ଖୁବ୍ ବିଚାର ଆଲୋଚନା କରିବା ପରେ ଦଳର ମାଙ୍କଡ଼ମାନଙ୍କୁ ପାଖକୁ ଡାକି କହିଲା, ଯଦିଓ ତୁମ୍ଭେମାନେ ବୃକ୍ଷ-ଗଛମାନଙ୍କରେ ଉତ୍ତମରୂପେ ପାଣି ମଡ଼ାଉଛ, ତଥାପି ମୋର ମନେହୁଏ, ତହିଁରେ ଅଧିକ ପାଣି ଦେଇ ଦେଉଛ । ପାଣି ଏତେ ଅଧିକ ପରିମାଣରେ ନଷ୍ଟ କରିବା ଉଚିତ ନୁହେଁ । ଆମେ ବିନା କାରଣରେ ଏତେ ପରିମାଣରେ ପାଣି ସାରିବା ଭଲ ନୁହେଁ । ଏହା ଦେଖିଲେ ମାଳୀ କହିପାରେ, ଆମେ ନିଃସଙ୍କୋଚ ଭାବେ ପାଣି ସବୁ ନଷ୍ଟ କରିଦେଲୁ । ଏହା ସାଙ୍ଗକୁ ଯଦି ପାଣି ନିଅଣ୍ଟ ପଡ଼େ, ଆମେ ପିଇବା କ'ଣ ? ପାଣି ନ ପିଇ ବଞ୍ଚିବା କେମିତି ?

ମାଙ୍କଡ଼ମାନେ ମୁଣ୍ଡ ହଲାଇ କହିଲେ, ସତ, ସତ !

ତା'ପରେ ମାଙ୍କଡ଼ ଦଳପତି କହିଲା, ଦେଖ ! ଯାହା ପାଣି ମଡ଼ାହୋଇଛି ସେତିକି ଥାଉ । ଏଣୁ ଏଣିକି ପାଣି ମଡ଼ାଇବା ସମୟରେ ପ୍ରତି ବୃକ୍ଷକୁ ଉପାଡି ପରୀକ୍ଷା କର । ଯେଉଁ ଗଛର ଚେର ଯେତେ ଗଭୀରକୁ ପ୍ରବେଶ କରିଛି, ତାକୁ ସେତିକି ପରିମାଣରେ ଅଧିକ ପାଣି ଦିଅ ।

ମାଙ୍କଡ଼ମାନେ ଦଳପତିଙ୍କର କଥା ମାନି ସେହିପରି କରିବା ଆରମ୍ଭ କଲେ । ସେମାନେ ପରୀକ୍ଷା କରି ଦେଖିବା ନିମନ୍ତେ ଉଦ୍ୟାନର ସମସ୍ତ ଗଛ ଉପାଡ଼ି ଦେଲେ । ପୁଣି ପ୍ରତ୍ୟେକ ଗଛର ଚେର ଦେଖିବା ପରେ, ତାକୁ ପୋତି ପକାଇଲେ ଓ ପାଣି ମଡ଼ାଇ ବସିଲେ ।

Digitized by srujanika@gmail.com

ପରଦିନ ଜଣେ ଚତୁର ଲୋକ ବଗିଚାକୁ ଆସିଲେ । ସେ ଯେତେବେଳେ ବଗିଚାର ସେହି ଶୋଚନୀୟ ଅବସ୍ଥା ଦେଖିଲେ ଓ ମାଙ୍କଡ଼ମାନେ ପୁଣି ସେହି କାର୍ଯ୍ୟରେ ଲିପ୍ତ ରହିଥିବା ଲକ୍ଷ୍ୟକଲେ, ପଶ୍ନକଲେ—

ବଗିଚାର ଛୋଟଗଛମାନଙ୍କୁ ଏମିତି ଉପାଡ଼ିଦେଇ, ପୁଣି ପୋତି ପକାଉଛ ଓ ତା ଉପରେ ପାଣି ଢାଳୁଛ କାହିଁକି ?

ମାଙ୍କଡ଼ମାନେ କହିଲେ ଯେ, ସେମାନେ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । କାରଣ ସେମାନେ ମାଳୀକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ, ତାର ଅନୁପସ୍ଥିତିରେ ସେମାନେ ଆଳସ୍ୟପରାୟଣ ନ ହୋଇ ଉତ୍ତମରୂପେ ବଗିଚାର କାର୍ଯ୍ୟ ଚଳାଇବେ । ତେଣୁ ସେମାନେ ସେମାନଙ୍କର ପ୍ରତିଶ୍ରୁତି ଲଙ୍ଘନ କରିବା ବୃଦାନ୍ତ ନାହିଁ । ମାଳୀ ଆସିଲେ ଦେଖିବ, ବଗିଚାର କୌଣସି ଜିନିଷ ନଷ୍ଟ ହୋଇନାହିଁ । ଆମେ ଖୁବ୍ ସତର୍କତାର ସହିତ ଗଛଗୁଡ଼ିକର ଚେର ଦେଖି ପାଣି ମଡ଼ାଉଛୁ । ଯେଉଁ ଗଛର ଚେର ଅଧିକ ଲମ୍ବ ତହିଁରେ ବେଶୀ ପାଣି ଓ ଅଳ୍ପ ଲମ୍ବ ଚେର ବିଶିଷ୍ଟ ଗଛରେ ଅଳ୍ପ ପାଣି ଢାଳୁଛୁ । ଏଥିରେ ବେଶୀ ପାଣି ବା କମ୍ ପାଣି ନ ଢାଳି, ଯେଉଁ ଗଛରେ ଯେତିକି ପାଣି ଦରକାର ସେତିକି ହିଁ ଦେଉଛୁ ।

ବୁଦ୍ଧିମାନ୍ ବ୍ୟକ୍ତି ଜଣକ ହସି ହସି କହିଲେ, ମୂର୍ଖମାନେ ଉପକାର କରିବାକୁ ଇଚ୍ଛାଥିଲେ ମଧ୍ୟ ଅଜ୍ଞତାବଶତଃ ଅପକାର ହିଁ କରିଥାନ୍ତି । ମୂର୍ଖଲୋକର ଉପକାରରେ ଆନନ୍ଦ ପ୍ରାପ୍ତି ହୁଏ ନାହିଁ ।

———

Digitized by srujanika@gmail.com

ଥରେ ବାରାଣସୀରେ ଜଣେ ରାଜା ରାଜୁତି କରୁଥିଲେ । ତାଙ୍କର ଦୁଷ୍ଟ କୁମାର ନାମକ ଗୋଟିଏ ପୁଅ ଥିଲା । ସେ ନିଜ ନାମକୁ ସାର୍ଥକ କରି ଅତ୍ୟନ୍ତ ଦୁଷ୍ଟ ଥିଲା । ଅନ୍ୟକୁ କଷ୍ଟ ଦେବାରେ ସେ ଆନନ୍ଦ ଲାଭ କରୁଥିଲା । ରାଜ୍ୟର ପ୍ରଜାମାନେ ତା' ଉପରେ ନାରାଜ ଥିଲେ ।

ଦିନେ ଜଳକ୍ରୀଡ଼ା ଉଦ୍ଦେଶ୍ୟରେ ସେ ସଙ୍ଗରେ ଅନେକ ଅନୁଚରଙ୍କୁ ନେଇ ନଦୀକୁ ଗଲା । ଠିକ୍ ମଝି ନଦୀକୁ ନେଇ ଅନୁଚରମାନେ ତାକୁ ସ୍ନାନ, ସନ୍ତରଣ କରାଉଛନ୍ତି, ବହୁତ ବଡ଼ ବର୍ଷା ତୋଫାନ ଆସିଗଲା । ଏହା ଦେଖି ଅନୁଚର-ବର୍ଗ ପରସ୍ପର ମଧ୍ୟରେ ମନ୍ତ୍ରଣା କରି ସ୍ଥିରକଲେ, ଚାଲ, ଏହାକୁ ଏଇଠି ଛାଡ଼ି ପଳାଇଯିବା । ସବୁଦିନ ପାଇଁ ଗ୍ରହ ଯିବ ।

ସେହି ତୋଫାନ ଭିତରେ ସମସ୍ତେ ଦୁଷ୍ଟ କୁମାରକୁ ମଝି ନଦୀରେ ଛାଡ଼ି ଦେଇ, ନଅରକୁ ଫେରିଆସିଲେ । ରାଜା ଯେତେବେଳେ କୁମାର କଥା ପଚାରିଲେ, ସେମାନେ କହିଲେ, ରାଜକୁମାର ନଦୀରେ ସନ୍ତରଣ କରୁଥିଲେ ବର୍ଷା ତୋଫାନ ଦେଖି ସେ ବୋଧହୁଏ ବୁଡ଼ାପହଁରା ଦେଇ ନଦୀର ଆର-ପାଖକୁ ଚାଲିଗଲେ । ଅନ୍ଧକାର ଭିତରେ ଆମକୁ କିଛି ଦେଖାଗଲା ନାହିଁ । ଆମେ ଫେରି ଆସିଲୁ ।

ରାଜା ଏହା ଶୁଣି ବ୍ୟଥିତ ହେଲେ । ସେ ନଦୀକୂଳ ଓ ଜାଲ ପକାଇ ନଦୀ-ତମାମ ଖୋଜିବାକୁ ଆଦେଶ ଦେଲେ ।

ସବୁସ୍ଥାନ ଖୋଜିବା ପରେ ମଧ୍ୟ ରାଜକୁମାରର ପତ୍ତା ମିଳିଲା ନାହିଁ ।

ରାଜକୁମାର ନଈ ବଢ଼ିରେ ଭାସି ଯାଉ ଯାଉ ଗୋଟିଏ ଶୁଖିଲା କାଠ ଦେଖିଲା । ତାକୁ ଧରି ସେ ପ୍ରାଣରକ୍ଷା କଲା ଓ ଭାସିବାକୁ ଲାଗିଲା ।

ସେହି ନଈକୂଳରେ ଗୋଟିଏ ମୂଷା ଓ ଗୋଟିଏ ସାପ ନିଜ ନିଜର ଗାତ ଭିତରେ ବାସ କରୁଥିଲେ । ସେମାନେ ପୂର୍ବଜନ୍ମରେ ଅତ୍ୟନ୍ତ କୃପଣ ଶ୍ରେଷ୍ଠୀ

Digitized by srujanika@gmail.com

ଥିଲେ । ଅସାଧୁ ଉପାୟରେ ସେମାନେ ଧନ ସଞ୍ଚୟ କରି ସେହି ଗାତରେ ପୋତି ରଖିଥିଲେ । ପରଜନ୍ମରେ ମୂଷିକ ଓ ସର୍ପ ଜନ୍ମ ଗ୍ରହଣ କଲେ ଓ ସେହି ଧନ ପୋତିଥିବା ଗାତରେ ବାସ କରୁଥିଲେ । ନଦୀରେ ବଢ଼ି ଆସିବାରୁ ସେମାନଙ୍କ ରହିବା ଗାତ ଭିତରେ ପାଣି ପଶିଗଲା । ବଢ଼ିପାଣି ସେମାନଙ୍କୁ ନଦୀ ମଝିକୁ ଭସାଇନେଲା । ପ୍ରାଣରକ୍ଷାପାଇଁ ଦୁଷ୍ଟ ରାଜକୁମାର ଆଶ୍ରୟ ଗ୍ରହଣ କରିଥିବା ଶୁଖିଲାକାଠ ଉପରେ ସେମାନେ ମଧ୍ୟ ଆଶ୍ରୟ ଗ୍ରହଣ କଲେ ।

ସେହି ନଦୀ କୂଳରେ ଗୋଟିଏ ଶିମୁଳି ଗଛ ଥିଲା । ବଢ଼ି ପାଣିରେ ସେହି ଗଛଟି ଉପୁଡ଼ିଗଲା । ବୃକ୍ଷଶାଖାରେ ଗୋଟିଏ ଶୁକପକ୍ଷୀ ବାସ କରୁଥିଲା । ଗଛଟି ଉପୁଡ଼ିଯିବା ପରେ ସେ ପ୍ରାଣବିକଳରେ ଉଡ଼ିଯାଇ ସେହି ଭସିଆସୁଥିବା କାଠ ଉପରେ ବସିଲା ।

ଏହିପରି ସେହି ଶୁଖିଲା କାଠ ଉପରେ ଚାରିଟି ପ୍ରାଣୀ ଆଶ୍ରାନେଇ ନଈ-ସୁଅରେ ଭସି ଚାଲିଥିଲେ । ଏମିତି ଭସୁ ଭସୁ ସେମାନେ ଏମିତି ଏକ ସ୍ଥାନରେ ପହଞ୍ଚିଲେ, ଯେଉଁଠିକି ବୋଧିସତ୍ତ୍ୱ ଗୋଟିଏ ଉଚ୍ଚ ବ୍ରାହ୍ମଣକୁଳରେ ଜନ୍ମ ଗ୍ରହଣ କରି କୁଟୀର ନିର୍ମାଣ କରି ବାସ କରୁଥିଲେ । ବୋଧିସତ୍ତ୍ୱ ସେଦିନ ପ୍ରତ୍ୟୁଷରୁ ନଦୀକୂଳରୁ କ୍ରନ୍ଦନଧ୍ୱନି ଭସି ଆସୁଥିବାର ଶୁଣିବାକୁ ପାଇଲେ । ତାଙ୍କ ମନରେ ଦୟା ଜାତହେଲା । ଯାଇ ଦେଖିଲେ, ନଦୀ ଜଳରେ ଚାରୋଟି ପ୍ରାଣୀ ଶୁଖିଲା କାଠକୁ ଆଶ୍ରା କରି ଭସୁଛନ୍ତି ।

ଏହା ଦେଖି ସେ ସେହି ଚାରୋଟି ଅସହାୟ ପ୍ରାଣୀଙ୍କୁ ରକ୍ଷାକରିବା ଉଦ୍ଦେଶ୍ୟରେ ନଈ ସୁଅକୁ ଡେଇଁ ପଡ଼ିଲେ । ସେ ସେହି କାଠଗଣ୍ଡି ଉଦ୍ଦେଶ୍ୟରେ ପହଁରି ଯାଉ ଯାଉ ପାଟି କରୁଥିଲେ, "ଭୟ କରନା, ଭୟ କରନା । ମୁଁ ଯାଉଛି । "

ବୋଧିସତ୍ତ୍ୱ ଅବିଳମ୍ବେ ଭାସମାନ କାଠ ପାଖରେ ପହଞ୍ଚିଲେ ଓ ନିଜର ହସ୍ତୀସଦୃଶ ଅଲୌକିକ ବଳ ସାହାଯ୍ୟରେ କାଠଗଣ୍ଡିକୁ ଠେଲି ଠେଲି କୂଳ ନିକଟକୁ ନେଇ ଆସିଲେ । କୂଳ ପାଖରେ ପହଞ୍ଚି ସେ ସେହି ବିପଦଗ୍ରସ୍ତ ଦୁଷ୍ଟ ରାଜକୁମାରକୁ ଜଳ ଭିତରୁ ଉଠାଇ ଆଣି କୂଳ ଉପରେ ବସାଇଲେ ଏବଂ

Digitized by srujanika@gmail.com

ସାପ, ଶୁକ ଓ ମୂଷିକକୁ ନେଇ ନିଜ କୁଟୀରରେ ଥିବା ନିଆଁ ପାଖରେ ବସାଇଲେ । ରାଜକୁମାରକୁ ମଧ୍ୟ ନିଆଁ ପାଖରେ ବସାଇ ସୁସ୍ଥ କଲେ । ତା'ପରେ ସେ ସର୍ପ ଇତ୍ୟାଦି ପ୍ରାଣୀମାନଙ୍କୁ ଖାଇବାକୁ ଦେବାପରେ ରାଜକୁମାରକୁ ଖାଇବାକୁ ଦେଲେ ।

ରାଜକୁମାର ଦେଖିଲା, ତପସ୍ୱୀ ବ୍ରାହ୍ମଣ ପ୍ରଥମେ ପଶୁପକ୍ଷିମାନଙ୍କର ଚର୍ଚ୍ଚା କରି ତା'ପରେ ଯାଇ ତାର ଖବର ବୁଝୁଛନ୍ତି । ସେ ଏଥିରେ ନାରାଜ ହେଲା ଓ ସୁଯୋଗ ଆସିଲେ ବୋଧିସତ୍ତ୍ୱଙ୍କୁ ଶାସ୍ତି ଦେବ ବୋଲି ନିଶ୍ଚୟ କଲା ।

କିଛିଦିନ ପରେ ବଢ଼ିପାଣି କମିଗଲା । ଯିଏ ଯାହା ସ୍ଥାନକୁ ଫେରିଯିବାକୁ ବସିଲେ । ପ୍ରଥମେ ସର୍ପ ଆସି ତପସ୍ୱୀ ବୋଧିସତ୍ତ୍ୱଙ୍କୁ ନମସ୍କାର କଲା ଏବଂ କହିଲା, ଆପଣ ମୋର ଜୀବନ ବଞ୍ଚାଇଲେ । ମୁଁ ଏହାର ପ୍ରତିଦାନ ଦେବାକୁ ଚାହେଁ । ନଦୀକୂଳର ଅମୁକ ସ୍ଥାନରେ ମୋର ଚାଳିଶ ହଜାର ସୁବର୍ଣ୍ଣ ମୋହର ଅଛି । ସେ ସମସ୍ତ ମୁଁ ଆପଣଙ୍କୁ ଅର୍ପଣ କଲି । ଯେତେବେଳେ ଆପଣ ଚାହିଁବେ, ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ 'ହେ ସର୍ପ' ବୋଲି ସମ୍ବୋଧନ କରିବେ । ମୁଁ ଆପଣଙ୍କ ସେବାରେ ନିଜକୁ ନିୟୋଜିତ କରିବି । ଏହା କହି ସର୍ପ ବୋଧିସତ୍ତ୍ୱଙ୍କ ନିକଟରୁ ବିଦାୟ ନେଇ ଫେରିଗଲା ।

ସର୍ପପରେ ମୂଷାଟି ମଧ୍ୟ ବୋଧିସତ୍ତ୍ୱଙ୍କ ନିକଟରେ ସର୍ପପରି କୃତଜ୍ଞତା ଜ୍ଞାପନ କରି କହିଲା, ମୁଁ ନଦୀ ତୀରରେ ଅମୁକ ସ୍ଥାନରେ ରହୁଛି । ମୋ ପାଖରେ ମଧ୍ୟ ବିପୁଳ ସମ୍ପତ୍ତି ରହିଛି । ସେ ସମସ୍ତ ସମ୍ପତ୍ତି ମୁଁ ଆପଣଙ୍କୁ ଅର୍ପଣ କଲି । ଆବଶ୍ୟକ ମାତ୍ରେ ଆପଣ ସେହି ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବେ ଓ 'ହେ ମୂଷିକ !' ବୋଲି ସମ୍ବୋଧନ କରିବେ । ମୁଁ ସେତେବେଳେ ଆପଣଙ୍କ ହସ୍ତରେ ସମସ୍ତ ଧନ ସମର୍ପଣ କରିବି ।

ଶୁକପକ୍ଷୀଟି ମଧ୍ୟ ହାତଯୋଡ଼ି କହିଲା, ମୋ ପାଖରେ ଧନସମ୍ପତ୍ତି ନାହିଁ ସତ ; କିନ୍ତୁ ଯେତେବେଳେ ଆପଣଙ୍କର ଲାଲ ରଂଗର ଧାନର ଆବଶ୍ୟକତା ପଡ଼ିବ, ଆପଣ ଦୟାକରି ମୋର ନିବାସ ସ୍ଥାନକୁ ଯାଇ 'ହେ ଶୁକ !' ବୋଲି ସମ୍ବୋଧନ କରିବେ । ମୁଁ ମୋର ସାଙ୍ଗସାଥିମାନଙ୍କ ସାହାଯ୍ୟରେ କିଛିତ ଶଗଡ଼ ଧାନ ମଗାଇ ଆପଣଙ୍କୁ ଭେଟି ଦେବି । ଏହା କହି ଶୁକପକ୍ଷୀ ମଧ୍ୟ ବିଦାୟ ଗ୍ରହଣ କଲା ।

କିନ୍ତୁ ସେହି ଦୁଷ୍ଟ ରାଜକୁମାରଟି ତାକୁ କଷ୍ଟରୁ ଉଦ୍ଧାର କରିଥିବା ଉପକାରୀ ବନ୍ଧୁକୁ କେମିତି ଶାସ୍ତି ଦେବ ସେହି କଥାହିଁ ଚିନ୍ତା କରୁଥିଲା । ସେ ଉପର ମନରେ ମଧୁର କଣ୍ଠରେ କହିଲା, ହେ ଭଦ୍ର ! ମୁଁ ରାଜ୍ୟର ରାଜା

Digitized by srujanika@gmail.com

ହେବା ପରେ ଆପଣ ଅବଶ୍ୟ ମୋ ପାଖକୁ ଯିବେ । ମୁଁ ଆପଣଙ୍କୁ ସମସ୍ତ ପ୍ରକାର ସତ୍କାର କରିବି ।

ଏହିପରି କଥା ଦେଇ ମୃଗଜଣପାଳ ଯେ ଯାହାର ସ୍ଥାନକୁ ଫେରିଗଲେ ।

ନଅରକୁ ଫେରିଯିବା ପରେ ରାଜକୁମାର ଜାଣିଲା ଯେ, ତାର ପିତାଙ୍କର କାଳ ହୋଇଯାଇଛି ଏବଂ ସେ ବର୍ତ୍ତମାନ ରାଜ୍ୟର ରାଜା । ·

କିଛି ବର୍ଷ କଟିଯିବା ପରେ ତପସ୍ୱୀ (ବୋଧିସତ୍ତ୍ୱ) ସ୍ଥିର କଲେ ଯେ, ସର୍ପ ଇତ୍ୟାଦିଙ୍କ ନିକଟକୁ ଯାଇ ସେମାନଙ୍କ ପ୍ରତିଶ୍ରୁତିର ପରୀକ୍ଷା ନେବେ । ସର୍ବପ୍ରଥମେ ସେ ସାପର ନିର୍ଦ୍ଦିଷ୍ଟ ଗାତ ପାଖକୁ ଯାଇ 'ହେ ସର୍ପ' ବୋଲି ସମ୍ବୋଧନ କଲେ । ତାଙ୍କର ପ୍ରଥମ ଡାକରେ ହିଁ ସାପଟି ନିଜ ଗାତ ଭିତରୁ ବାହାରି ପଡିଲା ଓ ଯୋଡ଼ହସ୍ତ ହୋଇ କହିଲା, ହେ ଦେବ ! ଚାଳିଶ ହଜାର ସ୍ୱର୍ଣ୍ଣମୁଦ୍ରା ମୋର ଏହି ଗାତ ଭିତରେ ରହିଛି । ଆପଣ ସେ ସମସ୍ତ ବାହାର କରି ନେଇ ଯାଆନ୍ତୁ ।

ବୋଧିସତ୍ତ୍ୱ କହିଲେ, ଆଚ୍ଛା, ବର୍ତ୍ତମାନ ପାଇଁ ସେ ସମସ୍ତ ତୁମ ପାଖରେ ଥାଉ, ଫେରିଲାବେଳେ ଦେଖିବା । ଏହିପରି କହି ସେ ଆନନ୍ଦରେ ସାପ ପାଖରୁ ବିଦାୟ ନେଲେ ।

ଏହାପରେ ସେ ମୂଷା ପାଖରେ ପହଞ୍ଚିଲେ । ମୂଷାଟି ମଧ୍ୟ ଆପଣା ପାଖରେ ଥିବା ସମସ୍ତ ସମ୍ପଦ ସଙ୍ଗରେ ନେଇ ଯିବାକୁ ତପସ୍ୱୀଙ୍କୁ ଅନୁରୋଧ ଜଣାଇଲା । 'ଆଚ୍ଛା; ଫେରିଲା ବେଳେ ଦେଖିବା । ' କହି ତପସ୍ୱୀ ବିଦାୟ ନେଲେ ।

ମୂଷାପରେ ତପସ୍ୱୀ ଶୁକପକ୍ଷୀ ପାଖରେ ପହଞ୍ଚିଲେ । ତପସ୍ୱୀଙ୍କର ସମ୍ବୋଧନ ଶୁଣି ଶୁକ ପକ୍ଷୀଟି ସଙ୍ଗେ ସଙ୍ଗେ ଗଛଡାଳକୁ ଓହ୍ଲାଇ ଆସିଲା ଓ ଭକ୍ତି ନିବେଦନ କରି କହିଲା, ହେ ଭଦ୍ର ! ମୁଁ ମୋର ଜ୍ଞାତିପରିଜନଙ୍କୁ ବର୍ତ୍ତମାନ ପଠାଇ ହିମାଳୟ ପ୍ରଦେଶରେ ସ୍ୱୟଂ ଉତ୍ପନ୍ନ ହେଉଥିବା ଲାଲ ରଂଗର ଧାନ ମଗାଇ ଆଣିବି କି ? ଏହା ଶୁଣି ବୋଧିସତ୍ତ୍ୱ କହିଲେ, ବର୍ତ୍ତମାନ ଥାଉ । ଆବଶ୍ୟକ ହେଲେ ନିଶ୍ଚୟ କହିବି ।

ସେଦିନ ରାତିରେ ବୋଧିସତ୍ତ୍ୱ ରାଜଉଦ୍ୟାନରେ ବିଶ୍ରାମ ଗ୍ରହଣ କଲେ ଏବଂ ପରଦିନ ରାଜାଙ୍କର ପୂର୍ବ ପ୍ରତିଶ୍ରୁତି ପରୀକ୍ଷା କରି ଦେଖିବା ନିମନ୍ତେ ଭିକ୍ଷା ମାଗି ମାଗି ସହର ଭିତରେ ବୁଲିବାକୁ ଲାଗିଲେ ।

ଠିକ୍ ସେତିକିବେଳେ ମିତ୍ରଦ୍ରୋହୀ ରାଜାଟି ସୁସଜ୍ଜିତ ହାତୀ ଉପରେ ବସି ସହର ପରିକ୍ରମା କରୁଥିଲା । ସେ ତପସ୍ୱୀଙ୍କୁ ଦୂରରୁ ଦେଖି ଚିହ୍ନିପାରିଲା ।

Digitized by srujanika@gmail.com

ସେ ମନେ ମନେ ଭାବିଲା, ତପସ୍ୱୀଟି ମୋଠୁ ମାଗଣାରେ ଖାଇପିଇ କିଛି ମାଗି ନେବ ବୋଲି ଆସୁଛି । ରାଜସଭାରେ ସେ ମୋ' ଉପରେ କରିଥିବା ଉପକାର କଥା ଜଣାଇପାରେ । ତତ୍ ପୂର୍ବରୁ ମୁଁ ତାଙ୍କୁ ମାରି ନିଶ୍ଚିହ୍ନ କରିଦେବା ଆବଶ୍ୟକ । ଏହା ସ୍ଥିରକରି ସେ ନିଜ ଅଙ୍ଗରକ୍ଷୀମାନଙ୍କୁ କହିଲା, ହେଇ ଦେଖ ! ଗୋଟିଏ ସାଧୁ ଆମଆଡ଼କୁ ଆସୁଛି । ମୋର ମନେହୁଏ, ସେ ଏକ ଦୁଷ୍ଟପ୍ରକୃତିର ସାଧୁ ଅଟେ ଓ ଖରାପ ଅଭିପ୍ରାୟ ନେଇ ଆସୁଛି । ତାଙ୍କୁ ଅତି ଶୀଘ୍ର ପିଟିପିଟି ଗାଁ ବାହାରକୁ ନେଇଯାଅ ଓ ମୁଣ୍ଡ କାଟିପକାଅ ।

ରାଜାଙ୍କର ଆଜ୍ଞା ପାଇ ଅନୁଚରବର୍ଗ ସେହି ତପସ୍ୱୀଙ୍କୁ ଧକ୍କା ମାରି ମାରି ଗାଁ ବାହାରକୁ ନେବାକୁ ବାହାରିଲେ । ତପସ୍ୱୀ ଧକ୍କାମାଡ଼ ଖାଇ 'ହାୟ ମା-ହାୟ ବାପା' ବୋଲି ଚିତ୍କାର କରୁଥିଲେ । ପୁଣି କହୁଥିଲେ, ବୁଦ୍ଧିମାନ୍ ଲୋକମାନେ ଉଚିତ୍ କଥା ହିଁ କହିଛନ୍ତି । ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିବା ଅପେକ୍ଷା ଭାସମାନ କାଠକୁ ଉଦ୍ଧାର କରିବା ଲକ୍ଷେ ଗୁଣରେ ଶ୍ରେୟସ୍କର ।

ସେହି ଅନୁଚରମାନଙ୍କ ମଧ୍ୟରେ ଜଣେ ପଣ୍ଡିତ କର୍ମଚାରୀ ଥିଲେ । ତପସ୍ୱୀଙ୍କର କଥା ଶୁଣି ତାଙ୍କୁ କୌତୂହଳବଶତଃ ପ୍ରଶ୍ନ କଲେ, ହେ ତପସ୍ୱି ! ତୁମେ କଅଣ ଆମ ରାଜାଙ୍କର କିଛି ଉପକାର କରିଛ ?

ବୋଧିସତ୍ତ୍ୱ ପୂର୍ବ ଘଟଣାବଳୀ ପ୍ରକାଶ କରି କହିଲେ, ମୁଁ ଏହି ଦୁଷ୍ଟ, କୃତଘ୍ନ ରାଜାଙ୍କୁ ଜଳରୁ ଉଦ୍ଧାର କରି କେବଳ ନିଜ ମୁଣ୍ଡ ଉପରକୁ ଦୁଃଖର ବୋଝହିଁ ନେଇ ଆସିଲି । ବୁଦ୍ଧିମାନ ଲୋକର ଚେତାବନୀ ନ ମାନି, ତାର ବିରୁଦ୍ଧାଚରଣ କରିଥିବାରୁ ଏବେ ମାଡ଼ ଖାଉ ଖାଉ ସେ କଥା ସ୍ମରଣ କରୁଛି । ତପସ୍ୱୀଙ୍କର କଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କଥାଟା କ୍ରମେ ରାଷ୍ଟ୍ର ହେଲା । କ୍ଷତ୍ରିୟ, ବ୍ରାହ୍ମଣ ଇତ୍ୟାଦି ବାସିନ୍ଦାମାନେ ଭାବିବାକୁ ଲାଗିଲେ, ଏହି ମିତ୍ର-ଘାତକ ରାଜା ନିଜର ଜୀବନଦାତା ଏହି ତପସ୍ୱୀ ସଙ୍ଗେ ଏପରି ମନ୍ଦ ଆଚରଣ ପ୍ରଦର୍ଶନ କରି କେବଳ ପାପ ଅର୍ଜନ କରୁଛି ମାତ୍ର ! ଏପରି ରାଜା ରାଜ୍ୟର ବା କି ଉନ୍ନତି କରିବ ? ଏହାର ଅର୍ଜିତ ପାପ ରାଜ୍ୟ ଅମଙ୍ଗଳର କାରଣ ହେବ । ତେଣୁ ଏଭଳି ରାଜାକୁ ପରିତ୍ୟାଗ କରିବା ଉଚିତ ।

ସମସ୍ତେ ମିଳିମିଶି ରାଜାଙ୍କୁ ବହିଷ୍କାର କରିବା ଉଦ୍ଦେଶ୍ୟରେ ବିଦ୍ରୋହ ଘୋଷଣା କଲେ । ତା'ପରେ ସେମାନେ ଶର, ତରବାରି ଦେଖାଇ ଓ ପଥରରେ ଆଘାତ କରି ରାଜାଙ୍କୁ ହାତୀ ଉପରୁ ତଳକୁ ଖସାଇ ଦେଲେ । ରାଜା

Digitized by srujanika@gmail.com

ଏହିପରି ଭାବରେ ମୃତ୍ୟୁ ବରଣ କରିବା ପରେ ତାକୁ ଜଳାଶୟ ଭିତରେ ନିକ୍ଷେପ କଲେ ।

ଏହାପରେ ସମସ୍ତେ ମିଶି ବୋଧିସତ୍ତ୍ୱଙ୍କୁ ରାଜା ମନୋନୀତ କରି ରାଜାଭିଷେକ କଲେ ।

ବୋଧିସତ୍ତ୍ୱ ଧର୍ମାଚରଣ ପୂର୍ବକ ରାଜୁତି କରିବାକୁ ଲାଗିଲେ ।

ଦିନେ ସେ ସ୍ଥିର କଲେ ଯେ ସର୍ପ, ମୂଷିକ ଓ ଶୁକପକ୍ଷୀର ପରୀକ୍ଷା ନେବେ । ତେଣୁ ସେ ନିଜର ଅନୁଚରମାନଙ୍କୁ ସଙ୍ଗରେ ନେଇ ସର୍ବପ୍ରଥମେ ସର୍ପର ନିବାସସ୍ଥଳୀରେ ଉପସ୍ଥିତ ହେଲେ ।

ସର୍ପ ତାଙ୍କୁ ବିନମ୍ର ସହକାରେ ସମସ୍ତଧନ ସମର୍ପଣ କରିଦେଲା । ତା'ପରେ ସେ ମୂଷା ପାଖରେ ପହଞ୍ଚିବାରୁ ମୂଷା ମଧ୍ୟ ନିଜର ପ୍ରତିଶ୍ରୁତି ମୁତାବକ ଅତି ପ୍ରସନ୍ନତା ସହକାରେ ନିଜର ସମସ୍ତ ସମ୍ପଦ ଅର୍ପଣ କଲା ।

ଏହାପରେ ସମସ୍ତେ ମିଶି ଶୁକପକ୍ଷୀ ନିକଟରେ ପହଞ୍ଚିଲେ ।

ଶୁକପକ୍ଷୀ ବୋଧିସତ୍ତ୍ୱଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦ ପ୍ରକାଶ କଲା ଓ ଶ୍ରଦ୍ଧା ନିବେଦନ ପୂର୍ବକ କହିଲା, ହେ ଦେବ ! ବର୍ତ୍ତମାନ ହିମାଳୟର ସେହି ସ୍ୱୟଂ ଉତ୍ପନ୍ନ ନୀଳ ରଙ୍ଗର ଧାନ ମଗାଇ ଦେବି କି ?

ବୋଧିସତ୍ତ୍ୱ ହସି ହସି କହିଲେ, ବ୍ୟସ୍ତ ହୁଅ ନାହିଁ । ଆବଶ୍ୟକ ହେଲେ ମଗାଇଦେବା ; କିନ୍ତୁ ବର୍ତ୍ତମାନ ମୋ' ସଙ୍ଗରେ ଆସ ।

ଏହିପରି ଭାବରେ ସେ ମୂଷିକ ସର୍ପ ଓ ଶୁକପକ୍ଷୀ ସମେତ ସମସ୍ତ ଅନୁଚରବର୍ଗ ଓ ସଙ୍ଗରେ ସତୁରି କୋଟି ସ୍ୱର୍ଣ୍ଣମୁଦ୍ରା ସଙ୍ଗରେ ନେଇ ନିଜ ରାଜ୍ୟକୁ ଫେରି ଆସିଲେ ।

ନିଜ ରାଜ୍ୟକୁ ଫେରିଆସି ବୋଧିସତ୍ତ୍ୱ ଶୁକପକ୍ଷୀ ରହିବା ସକାଶେ ଉତ୍ତମ ବ୍ୟବସ୍ଥା କରିଦେଲେ । ସର୍ପ ପାଇଁ ସୁବର୍ଣ୍ଣ ଗର୍ତ୍ତ, ମୂଷିକ ସକାଶେ ସ୍ଫଟିକ ଗୁମ୍ଫା ଓ ଶୁକପକ୍ଷୀ ସକାଶେ ହୀରା, ମୋତି ଖଚିତ ସୁବର୍ଣ୍ଣ ପଞ୍ଜୁରୀ ନିର୍ମାଣ କଲେ । ସେମାନଙ୍କୁ ପ୍ରତ୍ୟହ ସୁବର୍ଣ୍ଣ ପାତ୍ରରେ ଭୋଜନ ଦିଆଗଲା ।

ବୋଧିସତ୍ତ୍ୱ ନିଜ ଅଧୀନସ୍ଥ ପ୍ରଜାମାନଙ୍କୁ ଖୁବ୍ ଭଲରେ ପାଳନ କରି ଓ ଦାନ ପୁଣ୍ୟ କରି ଧର୍ମାନୁସାରେ ଅନେକ ବର୍ଷ ପର୍ଯ୍ୟନ୍ତ ରାଜୁତି କରିଥିଲେ । ଅବଶେଷରେ ସେ ସ୍ୱର୍ଗପ୍ରାପ୍ତି ହେଲେ ।

— — —

Digitized by srujanika@gmail.com

କାଶୀରାଜ୍ୟରେ ବ୍ରହ୍ମଦତ୍ତ ନାମରେ ଜଣେ ରାଜା ଥିଲେ । ତାଙ୍କର ରାଜ୍ୟରେ ବୋଧିସତ୍ତ୍ୱ ମୃଗ ଜନ୍ମ ନେଇ ନଗ୍ରୋଧ ମୃଗରାଜ ରୂପେ ଖ୍ୟାତ ହେଲେ ।

ବାରଣସୀର ରାଜା ମୃଗ ଶିକାର କରି ଆନନ୍ଦ ଆହରଣ କରୁଥିଲେ । ରାଜା ଏବଂ ରାଜାଙ୍କର ପାରିଷଦମାନେ ମୃଗ ମାଂସ ଭକ୍ଷଣ କରୁଥିଲେ । ଶହ ଶହ ଲୋକ କାମଦାମ ଛାଡ଼ି ମୃଗଶିକାରରେ ବ୍ୟସ୍ତ ଥିଲେ । କୌଣସି ଲୋକ ମୃଗମାରି ନେଇ ଆସିଲେ ରାଜା ତା'ଉପରେ ଖୁବ୍ ଖୁସି ହେଉଥିଲେ ।

କିନ୍ତୁ ରାଜ୍ୟର କେତେକ ଲୋକ ଏଥିରେ ସୁଖୀ ନ ଥିଲେ । କାରଣ ମୃଗ ଶିକାର ଫଳରେ ସେମାନଙ୍କ କାମଦାମ କିଛି ହେଉ ନ ଥିଲା । ତେଣୁ ସେମାନେ ଭାବିଲେ, ଗୋଟିଏ ସୁନ୍ଦର ଉଦ୍ୟାନ ନିର୍ମାଣ କରାଯିବା ଉଚିତ । ବଗିଚା ଭିତରେ ସବୁଜ ରଂଗର ଘାସ ଲଗାଯିବ । ତା'ର ମଧ୍ୟରେ ଜଳାଶୟ ପ୍ରସ୍ତୁତ ହେବ । ଏସବୁ ଦେଖି ମୃଗମାନେ ସେହି ଉଦ୍ୟାନ ଭିତରକୁ ଆହାର ବିହାର ସକାଶେ ପ୍ରବେଶ କଲେ, ସେମାନଙ୍କୁ ଅବରୋଧ କରି ବାଡ଼ ପକାଇ ଦିଆଯିବ । ସମସ୍ତ ମୃଗ ସେହି ଉଦ୍ୟାନ ଭିତରେ ହିଁ ରହିଯିବେ । ତା'ପରେ ସେହି ଉଦ୍ୟାନ ଓ ତାର ମୃଗମାନଙ୍କୁ ରାଜାଙ୍କ ହସ୍ତରେ ଅର୍ପଣ କରାଯିବ । ଏହା କଲେ ଯାଇ ସବୁଦିନ ଶିକାର କରିବାକୁ ପଡ଼ିବ ନାହିଁ ।

Digitized by srujanika@gmail.com

ଠିକ୍ ସେହିପରି ଉଦ୍ୟାନ ପ୍ରସ୍ତୁତ କରାଗଲା । ବଣର ମୃଗମାନଙ୍କୁ ଘଉଡ଼ ଆଣି ଉଦ୍ୟାନ ଭିତରେ ପୁରାଇ ଦିଆଗଲା । ତା'ପରେ ଲୋକମାନେ ରାଜାଙ୍କୁ ଯାଇ କହିଲେ, ମହାରାଜ ! ଆମେ ଆପଣଙ୍କର ସୁବିଧା ସକାଶେ ବଣର ସମସ୍ତ ମୃଗ ଆଣି ଉଦ୍ୟାନ ଭିତରେ ପୁରାଇ ଦେଇଛୁ । ବର୍ତ୍ତମାନ ଆଉ ଆପଣଙ୍କୁ ଶିକାର କରି ଯିବାକୁ ପଡ଼ିବ ନାହିଁ । ଯାହାକୁ ଆପଣ ଚାହିଁବେ, ତାର ମାଂସ ଖାଇବେ । ଫଳରେ ଆମକୁ ବି ଆଉ ଶିକାର ପାଇଁ ଆପଣଙ୍କ ସଙ୍ଗରେ ଜଣକୁ ଯିବାକୁ ପଡ଼ିବ ନାହିଁ ।

ରାଜା ସେମାନଙ୍କ କଥା ମାନିନେଲେ ଓ ଉଦ୍ୟାନ ପରିଦର୍ଶନ କରିବାକୁ ଗଲେ । କେବେ କେବେ ସେ ନିଜେ ଯାଇ ଉଦ୍ୟାନ ମଧ୍ୟରୁ ମୃଗ ମାରି ନେଇ ଆସୁଥିଲେ । ଆଉ କେବେ କେବେ ରାନ୍ଧୁଣିଆ ଯାଇ ଏ କାମ କରୁଥିଲା ।

ମୃଗମାନେ ଏପରି ଅବସ୍ଥାର ସମ୍ମୁଖୀନ ହୋଇ ଡରିମରି ହୋଇଗଲେ । ଜଙ୍ଗଲରେ ଥିଲାବେଳେ ବୁଲି ବୁଲି ଆନନ୍ଦରେ ଦିନ କଟାଉଥିଲେ ; କିନ୍ତୁ ସେସବୁ ପାଇଁ ଏଠାରେ ସୁବିଧା କାହିଁ ? ତା'ପରେ ପ୍ରତିଦିନ ମୃତ୍ୟୁଚିନ୍ତାରେ ଅସ୍ଥିର ହେବାକୁ ପଡ଼ୁଛି । ସକାଳ ପାହିଲେ କାହା ପାଳି ପଡ଼ିବ, ନିଶ୍ଚିତ ଭାବରେ ଜଣାପଡ଼ୁନାହିଁ ।

ମୃଗମାନେ ନିଜ ମଧ୍ୟରେ ମନ୍ତ୍ରଣା କଲେ, ରାଜାଙ୍କର ପ୍ରତିଦିନ ଗୋଟିଏ ମୃଗ ଆବଶ୍ୟକ । ସେଥିପାଇଁ ଗୋଟିଏ ଗୋଟିଏ ମୃଗ ସ୍ୱୟଂ ଯାଇ ଧରିବା ପାଇଁ ଆସୁଥିବା ଲୋକ ହାତରେ ନିଜକୁ ସମର୍ପଣ କରିଦେଲେ, ସେହିଦିନ ସକାଶେ ଅନ୍ୟମାନଙ୍କୁ ଅଚିନ୍ତା ରହିବାକୁ ପଡ଼ିଲା ।

ଏ ସିଦ୍ଧାନ୍ତ ସମସ୍ତଙ୍କ ମନକୁ ପାଇଲା ।

ମୃଗମାନେ ଦୁଇଟି ଦଳରେ ବିଭକ୍ତ ହୋଇଥିଲେ ।

ଗୋଟିଏ ଦଳର ଅଧିପତି ନିଗ୍ରୋଧ ଥିଲେ ।

ଅନ୍ୟ ଶାଖା ଦଳର ଅଧିପତି ଆଉ ଏକ ମୃଗ ଥିଲା ।

ମୃଗରାଜ ନିଗ୍ରୋଧ ସୁବର୍ଣ୍ଣ ରଙ୍ଗର ଥିଲେ । ଶାଖା ଦଳର ଅଧିପତି ମଧ୍ୟ ସେହି ସୁବର୍ଣ୍ଣ ରଙ୍ଗର ଥିଲା । ରାଜା, ମୃଗରାଜ ଦ୍ୱୟଙ୍କୁ ଅଭୟ ପ୍ରଦାନ କରିଥିଲେ ।

ମୃଗମାନଙ୍କର ସିଦ୍ଧାନ୍ତକ୍ରମେ ପ୍ରତିଦଳରୁ ଦୈନିକ ଗୋଟିଏ କରି ମୃଗ ଆସି ରାଜା କିମ୍ବା ତାଙ୍କର ଲୋକ ହାତରେ ସ୍ୱୟଂ ଧରା ଦେଉଥିଲେ । ସେହି ମୃଗକୁ ସଙ୍ଗରେ ନେଇ ସେମାନେ ସେଦିନର ଖାଦ୍ୟ ପ୍ରସ୍ତୁତ କରୁଥିଲେ । ଅନ୍ୟମାନେ ନିଶ୍ଚିନ୍ତରେ ଉଦ୍ୟାନଭିତରେ ରହୁଥିଲେ ।

Digitized by srujanika@gmail.com

ଦିନେ ଶାଖା ଦଳର ଗୋଟିଏ ଗର୍ଭିଣୀ ମୃଗୁଣୀର ପାଳ ପଡ଼ିଲା । ସେ ନିଜ ଦଳର ଅଧିପତିଙ୍କୁ ଯାଇ କହିଲା, ମହାରାଜ ! ମୋ' ଗର୍ଭରେ ସନ୍ତାନ ଅଛି । ତେଣୁ ମୋତେ ଆଜ ବଧ ହେବାକୁ ପଠାନ୍ତୁ ନାହିଁ । କିଛିଦିନ ମହଲତ ଦିଅନ୍ତୁ । ସନ୍ତାନ ଜନ୍ମ ହେବାପରେ ଆମେ ଦିଜଣ ହୋଇଯିବୁ । ରାଜାଙ୍କର ଦି' ଦିନର ଖାଇବା ଚଳିଯିବ । ମୋତେ ଆଜ ପଠାଇଲେ, ଆମ ଦଳର କ୍ଷତି ହେବ । ତେଣୁ ମୋ' ବଦଳରେ ଆଜ କାହାକୁ ଆପଣ ଆଜପାଇଁ ପଠାନ୍ତୁ । ସନ୍ତାନ ଜନ୍ମ କରିବା ପରେ ମୁଁ ଯିବି । ପୁଣି ମୋ ଅନ୍ତେ ମୋର ସନ୍ତାନ ମଧ୍ୟ ରାଜାଙ୍କର ଶିକାର ହେବା ପାଇଁ ଯିବ ।

କିନ୍ତୁ ଶାଖାଦଳର ଅଧିପତି, ଗର୍ଭିଣୀ ମୃଗୁଣୀର କଥା ଶୁଣିମଧ୍ୟ ନ ଶୁଣିବାର ଛଳନା କଲା । ସେ ନିର୍ଦ୍ଦୟ ଭାବରେ କହିଲା, ଦେଖ୍, ଏ ପ୍ରକାର ଗଣ୍ଡଗୋଳ ଭିତରେ ପଶିବାକୁ ମୁଁ ଚାହେଁ ନାହିଁ । ତୋର ପାଳ ପଡ଼ିଛି । ତୁ ଅବଶ୍ୟ ଯିବୁ । ଏଥିରେ ଅଦଳ ବଦଳର ପ୍ରଶ୍ନ ନାହିଁ । ମୁଁ ତୋ କଥା ବୁଝି ପାରିବି ନାହିଁ ।

ଏକଥା ଶୁଣି ମନଦୁଃଖରେ ଗର୍ଭିଣୀ ହରିଣୀଟି ବୋଧିସତ୍ତ୍ୱଙ୍କ ନିକଟରେ ପହଞ୍ଚିଲା ।

ବୋଧିସତ୍ତ୍ୱ ମୃଗୁଣୀର ସମସ୍ତ କଥା ସହାନୁଭୂତିର ସହିତ ଶୁଣିଲେ ଓ ତାକୁ ଅଭୟ ଦେଇ କହିଲେ, ତୁ ଏଥର ନିଶ୍ଚିନ୍ତରେ ଘରକୁ ଯା' । ମୁଁ ପରକଥା ବୁଝିବି ।

ବୋଧିସତ୍ତ୍ୱ ଏହାପରେ ନିଜେ ସେହି ସ୍ଥାନରେ ଯାଇ ପହଞ୍ଚିଲେ, ଯେଉଁଠୁ ପ୍ରତିଦିନ ମୃଗ ଓ ମୃଗୁଣୀମାନେ ଧରା ହୋଇ ଯାଆନ୍ତି ।

ରାନ୍ଧୁଣିଆ ସେଦିନ ମୃଗକୁ ଧରିନେବାପାଇଁ ଆସି ଘଟଣାସ୍ଥଳରେ ଉପସ୍ଥିତ ଥିଲା ଓ ସମସ୍ତ ବିଷୟ ଶୁଣୁଥିଲା । ସବୁକଥା ଜାଣିବା ପରେ ସେ ନିଗ୍ରୋଧ ମୃଗରାଜକୁ ଧରିବା ଦୂରେ ଥାଉ, ଫେରିଯାଇ ରାଜାଙ୍କ ଆଗରେ ଏ ସମସ୍ତ ଅଦ୍ଭୁତ ଘଟଣା ବର୍ଣ୍ଣନା କଲା ।

ରାଜା ତତ୍‌କ୍ଷଣାତ୍ ଉଦ୍ୟାନପଥକୁ ଆସିଲେ ଓ ନିଗ୍ରୋଧଙ୍କୁ ଦେଖି ପ୍ରଶ୍ନ କଲେ, ମୁଁ ତୁମକୁ ଅଭୟ ପ୍ରଦାନ କରି ଏଠାରେ ରଖିଛି । ତୁମେ ଏଠାକୁ ଆସିବାର ଉଦ୍ଦେଶ୍ୟ କ'ଣ ?

ଏହା ଶୁଣି ନିଗ୍ରୋଧ କହିଲେ, ମହାରାଜ ! ଆଜ ମୋ ପାଖକୁ ଗୋଟିଏ ଗର୍ଭିଣୀ ମୃଗୁଣୀ ଆସି ଜୀବନ ଭିକ୍ଷା କଲା । ମୁଁ ତାକୁ ଅଭୟ ଦାନ କଲି ; କିନ୍ତୁ ଆପଣଙ୍କ ପାକଶାଳାକୁ ତ ଅନ୍ୟ କାହାକୁ ପଠାଇବାକୁ ପଡ଼ିଥାନ୍ତା ; କିନ୍ତୁ ମୁଁ କାହାକୁ ଏ କଥା କହିଥାନ୍ତି ଭଲା ? ସେଥିପାଇଁ ସ୍ୱୟଂ ଏଠାରେ ଉପସ୍ଥିତ ହେଲି ।

Digitized by srujanika@gmail.com

ଏହା ଶୁଣି ରାଜା କହିଲେ, ତୁମ ଭିତରେ କ୍ଷମା, ସେବା ଓ ଦୟାଭାବ ରହିଛି । ତେଣୁ ମୁଁ ତୁମକୁ ଛାଡ଼ି ଦେଉଛି । ତୁମ ସଙ୍ଗରେ ସେହି ହରିଣୀକୁ ମଧ୍ୟ ଛାଡ଼ି ଦେଉଛି ।

ଏହା ଶୁଣି ମୃଗରାଜ କହିଲେ, ମହାରାଜ ! କେବଳ ଆମ ଦୁହିଁଙ୍କୁ ଛାଡ଼ିଲେ ଲାଭ କ'ଣ ? ଅନ୍ୟ ମୃଗମାନେ ତ ଶିକାର ହେବେ ।

ରାଜା କହିଲେ, ଉଦ୍ୟାନସ୍ଥ ସମସ୍ତ ମୃଗମାନଙ୍କୁ ମୁଁ ଅଭୟଦାନ ଦେଲି ।

ମୃଗରାଜ କହିଲେ, ଉଦ୍ୟାନର ମୃଗମାନଙ୍କୁ କେବଳ ଅଭୟଦାନ ଦେଇ ଲାଭ କ'ଣ, ଉଦ୍ୟାନ ବାହାରର ମୃଗମାନେ ଯେ ଶିକାର ହେବେ !

ତାହା ଶୁଣି ରାଜା କହିଲେ, ମୁଁ ବଣର ସମସ୍ତ ମୃଗ ଓ ମୃଗୁଣୀମାନଙ୍କୁ ଅଭୟଦାନ ଦେଉଛି ।

ମୃଗରାଜ କହିଲେ, କେବଳ ମୃଗକୁଳକୁ ଅଭୟଦାନ ଦେଲେ ଚଳିବ ନାହିଁ । ମୃଗ ଶିକାର ନ କରି ପକ୍ଷୀ ଶିକାର ତ କରିବେ !

ମୁଁ ପକ୍ଷୀମାନଙ୍କୁ ମଧ୍ୟ ଅଭୟ ଦାନ କଲି ବୋଲି ରାଜା କହିଲେ ।

ଆଉ ମାଛକୁଳ ?

ଏହାପରେ ରାଜା ସମସ୍ତ ପ୍ରାଣୀଙ୍କୁ ଅଭୟଦାନ କଲେ ।

ନଗ୍ରୋଧ ମୃଗରାଜ ଅତ୍ୟନ୍ତ ଆନନ୍ଦ ପ୍ରକାଶ କଲେ ଓ ରାଜାଙ୍କୁ ଧର୍ମ ଉପଦେଶ ଦେବାପରେ ସାଥୀମୃଗମାନଙ୍କ ସଙ୍ଗରେ ଜଙ୍ଗଲକୁ ଚାଲିଗଲେ ।

ଏଣୁ ମୃଗଦଳ ନିର୍ଭୟ ହେବା ପରେ ପ୍ରଜାମାନଙ୍କ କ୍ଷେତର ଫସଲ ନଷ୍ଟ କରିବା ଆରମ୍ଭ କରିଦେଲେ । ରାଜା ସେମାନଙ୍କୁ ଅଭୟ ପ୍ରଦାନ କରିଥିବାରୁ କୌଣସି ଲୋକ ସେମାନଙ୍କୁ ମାରିବାକୁ ସାହସ କଲେ ନାହିଁ । ପ୍ରଜାମାନେ ସମସ୍ତେ ମିଶି ଏକାଠି ହୋଇ ରାଜାଙ୍କ ପାଖକୁ ଆସିଲେ ଓ ଗୁହାରି କଲେ । ମହାରାଜ ! ଆପଣ ମୃଗମାନଙ୍କୁ ଅଭୟଦାନ କରି ଆମ ଫସଲ ନାଶ କରାଇ ଦେଲେ ।

ରାଜା ଉତ୍ତର ଦେଲେ, ଯାହା ହେବାର ହେଉ ପଛକେ, ମୁଁ ମୋର ପ୍ରତିଶ୍ରୁତି ଲଙ୍ଘନ କରିପାରିବି ନାହିଁ ।

ମୃଗରାଜ ନଗ୍ରୋଧ ଏକଥା ଶୁଣି, ସମସ୍ତ ମୃଗଙ୍କୁ ଏକତ୍ରିତ କରି କହିଲେ, ଦେଖ ! ପ୍ରଜାମାନଙ୍କ ଫସଲ ନଷ୍ଟ କର ନାହିଁ । ଫସଲ ନଷ୍ଟ କଲେ ସେମାନେ ବଂଚିବେ କିପରି ? ମୋ କଥା ମାନ ।

ସେହିପରି ସେ ପ୍ରଜାମାନଙ୍କୁ କହିଲେ, ଆପଣମାନେ ଆପଣମାନଙ୍କର କ୍ଷେତର ଚାରିକଡ଼ ବେଢ଼ାଇ ଦେଇ ତାଳପତ୍ର ସାହାଯ୍ୟରେ ସଙ୍କେତସୂଚକ ଚିହ୍ନ ବାନ୍ଧି ଦିଅନ୍ତୁ । କୌଣସି ମୃଗ ତା' ଭିତରେ ପ୍ରବେଶ କରିବେ ନାହିଁ ।

ଏହିପରି ଭାବରେ ମୃଗ ଓ ମଣିଷମାନଙ୍କ କଳହର ଚମତ୍କାର ସମାଧାନ ହୋଇଗଲା ।

— — —

Digitized by srujanika@gmail.com

ଏକଦା ବ୍ରହ୍ମଦତ୍ତ ରାଜା କାଶୀ ରାଜ୍ୟରେ ରାଜତ୍ୱ କରୁଥିଲେ । ସେହି ସମୟରେ ବୋଧିସତ୍ତ୍ୱ ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ।

ବୋଧିସତ୍ତ୍ୱ ବଡ଼ହୋଇ ତକ୍ଷଶିଳା ଗଲେ ଓ ପରିଶ୍ରମ ସହକାରେ ବିଦ୍ୟାଭ୍ୟାସ କଲେ । ସେଇଠି ବିଦ୍ୟାଶିକ୍ଷା ସମାପ୍ତ କରି ଘରକୁ ଫେରି ଆସିଲେ ଓ ବିବାହ କରି ଗୃହସ୍ଥ ଜୀବନଯାପନ କଲେ । କିଛିଦିନ ଆନନ୍ଦରେ କାଳ ଯାପନ କରିବା ପରେ ଗୃହସ୍ଥ ଜୀବନଯାତ୍ରା ପ୍ରତି ତାଙ୍କ ମନ ବୀତସ୍ପୃହ ହୋଇଉଠିଲା ।

ପିତାମାତାଙ୍କର ସ୍ୱର୍ଗବାସ ପରେ ବୋଧିସତ୍ତ୍ୱ ହିମାଳୟ ଅଭିମୁଖେ ଯାତ୍ରାକରି ତପ ସାଧନାରେ ବ୍ରତୀ ହେଲେ । କଠୋର ତପୋବଳ ଫଳରେ ସେ ସିଦ୍ଧିଲାଭ କରି ଋଷିମାନଙ୍କ ମଧ୍ୟରେ ପ୍ରଧାନ ଋଷି ଭାବରେ ପରିଗଣିତ ହେଲେ । ଏହାପରେ ସେ କାଶୀକୁ ଋଷିମାନଙ୍କ ସଙ୍ଗରେ ବାହୁଡ଼ି ଆସିଲେ ଓ ଗୋଟିଏ ଉଦ୍ୟାନରେ ବସବାସ କରିବାକୁ ଲାଗିଲେ । ସେଇଠି ପୂଜା ଆରାଧନା ଓ ଧର୍ମ ଆଚରଣରେ ଦିନମାନ କଟିବାକୁ ଲାଗିଲା । ସେମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ନଗରବାସୀମାନେ ମଧ୍ୟ ସଦାଚାର ଦୀକ୍ଷା ଗ୍ରହଣ କଲେ ଏତଦ୍ୱାରା ପାପର ହ୍ରାସ ହେଲା ଓ ଧର୍ମର ବିଜୟ ହେଲା । ସମସ୍ତ ନଗରବାସୀ ଅହିଂସା ଧର୍ମରେ ବ୍ରତୀ ହେଲେ ।

ଋଷିକୁଳର ଏତାଦୃଶ ସଦାଚାର ଓ ଧର୍ମପରାୟଣତା ଦେଖି ଇନ୍ଦ୍ରଦେବଙ୍କ ଆସନ ଟଳମଳ ହେଲା । ସେ ଭାବିଲେ ତାଙ୍କ ପଦବୀ ହୁଏତ ଆଉ ରହିବ ନାହିଁ ।

Digitized by srujanika@gmail.com

ତେଣୁ ଋଷିମାନଙ୍କୁ କାଶୀରୁ ବିତାଡ଼ିତ କରିବାକୁ ସେ ଏକ ଉପାୟ ସ୍ଥିର କଲେ । ସେ ମନେ ମନେ ଭାବି ଠିକ୍ କଲେ ଯେ, ଅର୍ଦ୍ଧରାତ୍ର ସମୟରେ ରାଜ୍ୟର ପାଟ-ରାଣୀଙ୍କ ଶୟନକକ୍ଷରେ ପ୍ରବେଶ କରିବେ । ସେଇଠି ଅଦୃଶ୍ୟ ଅବସ୍ଥାରେ ଜଣାଇବେ, "ହେ ରାଣି ! ଋଷି ଉଦ୍ୟାନରେ ଜାତ ହୋଇଥିବା ଆମ୍ର ବୃକ୍ଷର ଫଳ ଆହାର କର ଓ ଚକ୍ରବର୍ତ୍ତୀ ମହାରାଜାର ମାତା ହେବାର ଗୌରବ ହାସଲ କର ।" ଏହା ସ୍ଥିର କରି ସେ ସିଦ୍ଧାନ୍ତ ମୁତାବକ ରାଣୀଙ୍କ ଶୟନକକ୍ଷରେ ଉପସ୍ଥିତ ହେଲେ ଓ ସେଇଠି ଅଦୃଶ୍ୟ ରହି ଶୂନ୍ୟବାଣୀ ହେବା ପରି କହିଲେ, ହେ ମହାରାଣି ! ତୁମେ ରାଜାଙ୍କର ପାଟରାଣୀ ଅଟ । କାଶୀରେ ଗୋଟିଏ ଉଦ୍ୟାନ ଅଛି । ସେଇଠି ଋଷିମାନେ ବସବାସ କରନ୍ତି । ସେହି ଉଦ୍ୟାନ ମଧ୍ୟରେ ମୁଖିଆ ଋଷିଙ୍କର କୁଟୀର ସାମନାରେ ଗୋଟିଏ ଆମ୍ରବୃକ୍ଷ ଅଛି । ସେ ବୃକ୍ଷ ବିଶାଳ ଓ ସବୁଜ ପତ୍ର ଆଚ୍ଛାଦିତ ଅଟେ । ସେହି ବୃକ୍ଷର ପତ୍ରଗୁଡ଼ିକ ଅତ୍ୟନ୍ତ ମସୃଣ । ବୃକ୍ଷ ଶାଖାରେ ତିନୋଟି ଆମ୍ବବିଶିଷ୍ଟ ଫଳଗୁଚ୍ଛ ଦେଖିବାକୁ ମିଳିବ । ଯଦି ତୁମେ ଚକ୍ରବର୍ତ୍ତୀ ପୁତ୍ରର ମାତା ହେବାର କାମନା କରିଥାଅ, ତାହା ହେଲେ ଫଳଗୁଚ୍ଛର ଶେଷ ଆମ୍ବଟିକୁ ଖାଇବ ।

ରାଣୀ ସେ ବାଣୀ ଶୁଣି ମନେ ମନେ ଭାବିଲେ, ଯଦି ମୁଁ ଚକ୍ରବର୍ତ୍ତୀ ପୁତ୍ରର ମାତା ହେବି, ତାହା ହେଲେ ମୋର ସୁନାମ ଆହୁରି ବଢ଼ିଯିବ । ମୁଁ ରାଜାଙ୍କର ପ୍ରିୟ ପାଟରାଣୀ ହେବି । ତେଣୁ ପରଦିନ ରାଜା ଯେତେବେଳେ ଅନ୍ତଃପୁରକୁ ବିଜେ ହେଲେ, ରାଣୀ ଅସୁସ୍ଥ ଥିବାର ଛଳନା କରି ପଲଙ୍କରେ ଶୋଇ ପଡ଼ିଲେ ।

ରାଜା ଦେଖିଲେ, ରାଣୀ ତାଙ୍କୁ ପ୍ରତିଦିନପରି ସ୍ୱାଗତ ସମ୍ଭାଷଣ ଜଣାଇବାକୁ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇ ନାହାନ୍ତି । ତେଣୁ ସେ ସନ୍ଦିଗ୍ଧ କଣ୍ଠରେ ଦାସୀମାନଙ୍କୁ ରାଣୀଙ୍କ ସ୍ୱାସ୍ଥ୍ୟ ବିଷୟରେ ପ୍ରଶ୍ନକଲେ ।

ଦାସୀମାନେ ଉତ୍ତର ଦେଲେ, ମହାରାଜ ! ମହାରାଣୀଙ୍କର ଦେହ ଅସୁସ୍ଥ । ତେଣୁ ସେ ଶୟନକକ୍ଷରେ ବିଶ୍ରାମ ଗ୍ରହଣ କରୁଅଛନ୍ତି ।

ରାଜା ଏ ଉତ୍ତର ଶୁଣି ଅସ୍ଥିର ହେଲେ ଓ ରାଣୀ ବିଶ୍ରାମ ନେଉଥିବା ଶୟନ କକ୍ଷରେ ଉପସ୍ଥିତ ହେଲେ । ସେ ସ୍ନେହାର୍ଦ୍ର କଣ୍ଠରେ ପ୍ରଶ୍ନକଲେ, ରାଣି ! ତୁମର ସ୍ୱାସ୍ଥ୍ୟ ଭଲଅଛି ତ ? କଣ କରିଗଲେ ତୁମେ ସୁଖୀ ହେବ ? କଣ ବୈଦ୍ୟରାଜଙ୍କୁ ଡକାଇ ପଠାଇବି ?

ମହାରାଣୀ ଉତ୍ତର ଦେଲେ, ମହାରାଜ ! ଏ ରୋଗ ବୈଦ୍ୟରାଜଙ୍କ ଦ୍ୱାରା ନିରାକରଣ ହେବ ନାହିଁ । ମୋର ଏ ଦୁରବସ୍ଥାର ଅନ୍ୟ କାରଣ ରହିଛି । ସେଇଟି ହେଲା, କାଶୀ ଉଦ୍ୟାନରେ ଋଷିମାନେ ବାସ କରୁଅଛନ୍ତି । ମୁଖିଆ

Digitized by srujanika@gmail.com

ଋଷିଙ୍କର କୁଟୀର ପ୍ରାଙ୍ଗଣରେ ଗୋଟିଏ ଆମ୍ରବୃକ୍ଷ ଅଛି । ସେ ବୃକ୍ଷରେ କୋଟି ଫଳବିଶିଷ୍ଟ ଆମ୍ରଗୁଚ୍ଛମାନ ରହିଛି । ସେହି ଗୁଚ୍ଛ ଫଳର ଶେଷ ଆମ୍ବ ଖାଇଲେ ମୋର ଏ ଦୁରବସ୍ଥା ଦୂରୀଭୂତ ହେବ ।

ରାଜା ଏହା ଶୁଣି କୃତାର୍ଥ କଣ୍ଠରେ କହିଲେ, ଏଇଟା ବା କି ବଡ଼ କଥା ? ବର୍ତ୍ତମାନ ମୁଁ ସେ ଆମ୍ବ ମଗାଇ ଆଣୁଛି ।

ରାଜାଙ୍କ ମୁହଁରୁ ଆଦେଶ ପାଇ, ସଙ୍ଗେ ସଙ୍ଗେ ଚାରି ପାଞ୍ଚଜଣ କର୍ମଚାରୀ ଟୋକେଇ ଓ ଆଙ୍କୁଡ଼ା ନେଇ ଆମ୍ବ ତୋଳିବାକୁ ଉଦ୍ୟାନରେ ପହଞ୍ଚିଗଲେ ।

କିନ୍ତୁ ଇନ୍ଦ୍ର ମାୟାବଳରେ ଉଦ୍ୟାନ ଆମ୍ରବୃକ୍ଷର ଫଳସବୁ ଅନ୍ତର୍ଦ୍ଧାନ କରାଇଦେଲେ ଓ ଗଛର ଡାଳପତ୍ରସବୁ ଭାଙ୍ଗି ତଳେ ପକାଇଦେଲେ । ସେ ଦୃଶ୍ୟ ଦେଖିଲେ ମନେ ହେବ, ତପସ୍ୱୀମାନେ ଆଂବ ଗଛର ଫଳଖାଇ ଶାଖା-ପ୍ରଶାଖା ଭାଙ୍ଗି ଇତସ୍ତତଃ କରି ପକାଇ ଅଛନ୍ତି ।

ରାଜକର୍ମଚାରୀମାନେ ଏହା ଦେଖି ରାଜାଙ୍କ ନିକଟକୁ ଫେରିଆସିଲେ ଓ କହିଲେ, ମହାରାଜ ! ଆଂବଗଛରେ ତ ଗୋଟିଏ ହେଲେ ଆଂବ ନାହିଁ ! ତାହାହେଲେ ଆଂବଗଛର ଫଳସବୁ କିଏ ଉଜାଡ଼ିଲା ? ରାଜା ପ୍ରଶ୍ନ କଲେ, କର୍ମଚାରୀମାନେ ଉତ୍ତର ଦେଲେ, ମହାରାଜ ! ଉଦ୍ୟାନରେ ତପସ୍ୱୀମାନେ ହିଁ ରହନ୍ତି । ସେମାନଙ୍କ ବ୍ୟତୀତ କିଏ ଆଉ ଏ କାମ କରିବ ?

ରାଜା ରାଗିଯାଇ କହିଲେ, ତପସ୍ୱୀମାନଙ୍କୁ ଦଣ୍ଡଦେଇ ଉଦ୍ୟାନରୁ ତଡ଼ିଦିଅ ।

ଏତଦ୍ଦ୍ୱାରା ଇନ୍ଦ୍ରଙ୍କର ଇଚ୍ଛା ପୂରଣ ହେଲା ସତ ; କିନ୍ତୁ ମହାରାଣୀଙ୍କ ମନସ୍କାମନା ପୂରଣ ହେଲା ନାହିଁ । ସେ ସେହି ଦିବ୍ୟ-ଆଂବ ଖାଇବା ଇଚ୍ଛାରୁ ନିବୃତ୍ତ ହେଲେ ନାହିଁ ।

ରାଜା ମନ୍ତ୍ରୀମାନଙ୍କୁ ଡାକି ପଚାରିଲେ, ଏହିପରି ଦିବ୍ୟ-ଆଂବ ଆଉ କେଉଁଠି ମିଳି ପାରିବ ?

ଅନୁସନ୍ଧାନ ନେଇ ମନ୍ତ୍ରୀମାନେ ଜଣାଇଲେ, ମହାରାଜ ! ଶୁଣିବାକୁ ପାଇଲୁ ଯେ, ସେହିପରି ଦିବ୍ୟ-ଆଂବ ହିମାଳୟର କାଞ୍ଚନ ଗୁମ୍ଫାରେ ଫଳୁଅଛି । ତାହା ଦେବତାମାନଙ୍କ ସକାଶେ ଉଦ୍ଦିଷ୍ଟ ; କିନ୍ତୁ କୌଣସି ମନୁଷ୍ୟ ସେହି ସ୍ଥାନରେ ପହଞ୍ଚି ପାରିନାହିଁ । ଏ କାମ କୌଣସି ଏକ ବୁଦ୍ଧିମାନ୍, ଶୁକପକ୍ଷୀ ଦ୍ୱାରା ହିଁ ସମ୍ଭବ ।

ରାଜନଅରରେ ଏକ ବୁଦ୍ଧିମାନ୍, ସ୍ୱାସ୍ଥ୍ୟବାନ୍ ତଥା ବଳୁଆ ଶୁକପକ୍ଷୀ ଥିଲା । ସୁବର୍ଣ୍ଣ ପଞ୍ଜୁରୀରେ ତାକୁ ରଖାଯାଇଥିଲା । ତାକୁ ସୁବର୍ଣ୍ଣ ପାତ୍ରରେ ଖାଇବାକୁ ଦିଆଯାଉଥିଲା । ସେ ମନୁଷ୍ୟପରି ସ୍ପଷ୍ଟ କଥା କହିପାରୁଥିଲା ଓ ମନୁଷ୍ୟମାନଙ୍କ

Digitized by srujanika@gmail.com

କଥା ବୁଝି ପାରୁଥିଲା । ରାଜା ତାକୁ ପାଖକୁ ଅଣାଇ କହିଲେ, ଦେଖ ! ମୁଁ ତୁମକୁ ଖୁବ୍ ଯତ୍ନରେ ଲାଳନ-ପାଳନ କରିଛି । ଏତେଦିନ ପର୍ଯ୍ୟନ୍ତ ରାଜାନ୍ନ ଖାଇ ବଢ଼ିଲ । ବୁଦ୍ଧି କୌଶଳରେ ତୁମେ ପାରଙ୍ଗମ ଅଛ । ବର୍ତ୍ତମାନ ମୋର ଗୋଟିଏ ଉପକାର କର ।

ମହାରାଜ ! ଆଦେଶ କରନ୍ତୁ । ଶୁକପକ୍ଷୀ ଜଣାଇଲା ।

ମହାରାଜ କହିଲେ, ମହାରାଣୀ ଦିବ୍ୟ-ଆମ୍ବ ଭୋଜନ କରିବାକୁ ଚାହାନ୍ତି । ସେ ଆମ୍ବଗଛ ହିମାଳୟରୁ କାଞ୍ଚନ ଗୁମ୍ଫାରେ ମିଳିବ । ତୁମେ ସେ ଆମ୍ବ ଯାଇ ଆଣ ।

ଶୁକପକ୍ଷୀ କହିଲା, ଯେ ଆଜ୍ଞା ମହାରାଜ !

ଏହାପରେ ରାଜା ତାକୁ ସୁମିଷ୍ଟ ପାନୀୟ ଖାଇବାକୁ ଦେଲେ । ତା'ପରେ ତାର ପକ୍ଷରେ ମୂଲ୍ୟବାନ ତେଲ ମର୍ଦ୍ଦନ କରି, ରାଜମହଲର ଗବାକ୍ଷ ଦେଇରୁ ଆକାଶମାର୍ଗକୁ ଛାଡ଼ିଦେଲେ ।

କିଛି ସମୟ ପରେ ଶୁକପକ୍ଷୀଟି ଦୃଷ୍ଟି ଅନ୍ତରାଳରେ ମିଶିଗଲା । ପକ୍ଷୀଟି ଉଡ଼ି-ଉଡ଼ି ଯାଇ ହିମାଳୟ ଦେଶରେ ବାସକରୁଥିବା ଶୁକପକ୍ଷୀମାନଙ୍କର ପ୍ରଥମ ବାସସ୍ଥଳୀରେ ପହଞ୍ଚିଲା । ସେଇଠି ପହଞ୍ଚି ସେ ସାଥୀ ପକ୍ଷୀମାନଙ୍କୁ କାଂଚନ ଗୁମ୍ଫାର ବିବରଣୀ ପଚାରିଲା ।

ହିମାଳୟବାସୀ ପ୍ରଥମ ପକ୍ଷୀଦଳ କହିଲେ, ଆମକୁ ସେ ଗୁମ୍ଫାର ଠିକଣା ଜଣା ନାହିଁ । ତୁମେ ଦ୍ୱିତୀୟ ପୀଠକୁ ଯାଅ ।

ତା'ପରେ ଶୁକପକ୍ଷୀଟି ଦ୍ୱିତୀୟ ପକ୍ଷୀ-ପୀଠକୁ ଗଲା । ସେଇଠି ମଧ୍ୟ ସେ ଶୁଣିଲା, ଆମେ ସେ ଗୁମ୍ଫା ସମ୍ପର୍କରେ କିଛି ଜାଣୁନା । ତୁମେ ତୃତୀୟ ପକ୍ଷୀ-ପୀଠକୁ ଯାଅ ।

ଏହିପରି ଭାବରେ ପଚାରି ପଚାରି ସେ ପକ୍ଷୀକୁଳର ସପ୍ତମ ପୀଠ ପାଖରେ ପହଞ୍ଚିଲା ।

ସପ୍ତମ-ପୀଠର ଶୁକପକ୍ଷୀମାନେ କାଂଚନଗୁମ୍ଫା ଓ ତନ୍ମଧ୍ୟସ୍ଥ ଆମ୍ରବୃକ୍ଷର ବିବରଣୀ ଦେଲେ । ସେମାନେ କହିଲେ, କାଂଚନଗୁମ୍ଫାର ଆମ୍ରବୃକ୍ଷ ପର୍ଯ୍ୟନ୍ତ ପହଞ୍ଚିବା ଅତୀବ କଠିନ । ଯଦି ବି କୌଣସିମତେ କାଂଚନଗୁମ୍ଫା ପର୍ଯ୍ୟନ୍ତ ପହଞ୍ଚି ହେବ, ତଥାପି ସେଇଠୁ ଆମ୍ବ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟକର । ସେହି ଆମ୍ବ ମହାରାଜା କୁବେରଙ୍କ ସକାଶେ ସଂରକ୍ଷିତ । ସମୁଦାୟ ବୃକ୍ଷଟି ଲୁହା ପିଞ୍ଜରାରେ ଘେରା । ସହସ୍ର ସହସ୍ର ଭୟଙ୍କର ରାକ୍ଷସ ସେହି ବୃକ୍ଷର ଚତୁର୍ଦ୍ଦିଗରେ ପହରା ଦେବାପାଇଁ ନିଯୁକ୍ତ । ସେମାନେ ଯଦି ଦେଖିନେଲେ, ତାହାହେଲେ ଆଉ ରକ୍ଷା ମିଳିବ ନାହିଁ । ଗୁମ୍ଫା ବାହାରେ ହୁତାଶନ ଅଗ୍ନି ଜଳୁଛି ।

Digitized by srujanika@gmail.com

ଯଦି ଜୀବନପ୍ରତି ଲୋଭ ଥାଏ, ତାହା ହେଲେ ସେଠାକୁ ଯିବାର ମୋହ ପରିତ୍ୟାଗ କର ।

ଏହା ଶୁଣି ଶୁକପକ୍ଷୀ କହିଲା, ମୁଁ ମୋର ପ୍ରଭୁର ଆଦେଶ ପାଳନପାଇଁ ପ୍ରାଣବଳି ଦେବାକୁ ପ୍ରସ୍ତୁତ ଅଛି । ତୁମେ ମୋତେ କେବଳ ଗୁମ୍ଫାପଥ ଦେଖାଇଦିଅ ।

ପକ୍ଷୀମାନେ ତାକୁ ଗୁମ୍ଫାର ପଥ ଦେଖାଇ ଦେଲେ । ଏହାପରେ ପକ୍ଷୀଟି ସାଥୀମାନଙ୍କ ପାଖରୁ ବିଦାୟ ନେଇ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ବାହାରିଗଲା ।

ଗୁମ୍ଫା ନିକଟରେ ପହଞ୍ଚି ଶୁକ ପକ୍ଷୀଟି ଦିନତମାମ ଲୁଚିରହିଲା । ରାତିର ଅନ୍ଧକାର ଭିତରେ ସେ ଲୁଚି ଛପି ଲୁହା ପିଞ୍ଜରା ଉପରେ ଚଢ଼ିବାକୁ ଲାଗିଲା । ଏପରି ସମୟରେ ତାର ପର ବାଜି ଲୁହାପିଞ୍ଜରାରେ ଝନଝନ ଶବ୍ଦ ହେଲା । ସେହି ଶବ୍ଦ ଶୁଣି ରାକ୍ଷସମାନେ ସତର୍କ ହୋଇଗଲେ ଓ ଶୁକପକ୍ଷୀକୁ ଦେଖିପାରି ତାକୁ ହଠାତ୍ ଧରି ପକାଇଲେ ।

ଜଣେ କହିଲା, ଏ ପକ୍ଷୀଟି ଆମ୍ବ ଚୋରି କରିବାକୁ ଏଠାକୁ ଆସିଛି । ମୁଁ ଏହାକୁ ମାରି ପକାଇବି ।

ଦ୍ୱିତୀୟ ରାକ୍ଷସ କହିଲା, ତାକୁ ମୋ' ହାତକୁ ଦେ । ମୁଁ ତାକୁ ଗୁଣ୍ଡା କରି ଫୋପାଡ଼ି ଦେବି ।

ତୃତୀୟ ରାକ୍ଷସ କହିଲା, ମୁଁ ଏହାକୁ ଦୁଇଖଣ୍ଡ କରି ଚୋବାଇ ଖାଇଯିବି ।

ରାକ୍ଷସମାନଙ୍କର ଏତାଦୃଶ ଧମକ ଚମକରେ ଶୁକପକ୍ଷୀଟି ବିଚଳିତ ନ ହୋଇ ବିନୀତ କଣ୍ଠରେ କହିଲା, ତୁମେ ରାଜସେବକ ଅଟ । ମୁଁ ମଧ୍ୟ କୌଣସି ଏକ ରାଜାଙ୍କର ସେବକ ଅଟେ । କାଶୀ ରାଜାଙ୍କର ଆଦେଶ ପାଳନ କରି ମୁଁ ଏଠାକୁ ଦିବ୍ୟଆମ୍ବ ପାଇଁ ଆସିଛି । ମୁଁ ଜାଣିଛି, ମୋର ଜୀବନ ସଂକଟାପନ୍ନ । ଯେଉଁ ପ୍ରାଣୀ ନିଜର ପିତାମାତା ଏବଂ ପ୍ରଭୁର ଉପକାର ସକାଶେ ପ୍ରାଣବଳି ଦିଏ, ସେହି ପ୍ରାଣୀ ମୁକ୍ତିଲାଭ କରି ଦେବଲୋକରେ ସ୍ଥାନ ପାଏ ।

ରାକ୍ଷସମାନେ ଭାବିଲେ, ଏହି ପକ୍ଷୀଟି କୌଣସି ଧର୍ମାତ୍ମା ଅଟେ । ଆମେ ଏହାକୁ ମାରି ପାରିବା ନାହିଁ । ଏହା ଭାବି ସେମାନେ ପକ୍ଷୀକୁ ମୁକ୍ତ କରିଦେଲେ ।

ମୁକ୍ତିଲାଭ କରିବାପରେ ଶୁକପକ୍ଷୀ କହିଲା, ମୁକ୍ତି ସିନା ପାଇଲି, କିନ୍ତୁ ଯାତ୍ରା ମୋର ବ୍ୟର୍ଥ ହୋଇଗଲା । ଦୟାକରି ମୋତେ ଗୋଟିଏ ଆମ୍ବ ଦିଅ ।

ରାକ୍ଷସମାନେ କହିଲେ, ଆମେ ଏ ଆମ୍ବ ଦେଇ ପାରିବୁ ନାହିଁ । କାରଣ ପ୍ରତିଟି ଆମ୍ବରେ ସଙ୍କେତ ଚିହ୍ନ ରହିଛି । ଯଦି ଗୋଟିଏ ଆମ୍ବ ଊଣାହେଲା, ଆମ ଜୀବନର ରକ୍ଷା ନାହିଁ ; କିନ୍ତୁ ତୋତେ ଆମ୍ବ ମିଳିବାର ସ୍ଥାନ ବତାଇ ଦେବୁ ।

Digitized by srujanika@gmail.com

ପକ୍ଷୀଟି କହିଲା, ଯେଉଁ ପ୍ରକାର ହେଉ, ମୋତେ ଆମ୍ବ ମିଳିଲେ ହେଲା । ଯେ କୌଣସି ସ୍ଥାନରୁ ଏହା ମୁଁ ପାଇଲେ ମୋ ଯାତ୍ରା ସଫଳ ହେବ ।

ବୃକ୍ଷସମାନେ କହିଲେ, ଏହି ଗୁମ୍ଫା ଭିତରେ 'ଜ୍ୟୋତିରସ' ନାମରେ ଜଣେ ତପସ୍ୱୀ 'କାଞ୍ଚନପତି' ନାମକ ଏକ କୁଟୀରରେ ବାସକରନ୍ତି । ସେ ଅଗ୍ନି ଜାଳି ପ୍ରତ୍ୟହ ପ୍ରାତଃ ଓ ସଂଧ୍ୟାକାଳରେ 'ହବନ' କରନ୍ତି । ସେହି ତପସ୍ୱୀଙ୍କ ସଙ୍ଗରେ କୁବେରଙ୍କ ମିତ୍ରତା ଅଛି । କୁବେର ପ୍ରେମବଶତଃ ତାଙ୍କ ପାଖକୁ ପ୍ରତିଦିନ ଗୋଟିଏ କରି ଦିବ୍ୟ ଆମ୍ବ ପଠାଇଥାଆନ୍ତି । ତେଣୁ ତାଙ୍କୁ ପ୍ରସନ୍ନ କଲେ ଯାଇ ତୁ ଆମ୍ବ ପାଇପାରିବୁ । ଏହିପରି ଭାବରେ ତୋର ଯାତ୍ରା ସଫଳ ହେବାର ସମ୍ଭାବନା ରହିଛି ।

ଶୁକପକ୍ଷୀ ଏହା ଶୁଣି ନିର୍ଭୟ ହୋଇ ତପସ୍ୱୀଙ୍କ କୁଟୀର ମଧ୍ୟରେ ପ୍ରବେଶ କଲା ଓ ଯୋଡ଼ହସ୍ତ ହୋଇ କୁଟୀରର ଗୋଟିଏ କୋଣରେ ବସି ରହିଲା ।

ତପସ୍ୱୀଙ୍କର ସମାଧି ଭଗ୍ନହେବା ପରେ ସେ ଆଖି ଖୋଲି ଚାହିଁଲେ । ତା'ପରେ ପକ୍ଷୀକୁ ଦେଖିପାରି କହିଲେ, କୁହ, ମୋ ପାଖକୁ କାହିଁକି ଆସିଛୁ !

ଶୁକପକ୍ଷୀ କହିଲା, ହେ ମହାଭାଗ ! ବାରାଣସୀର ରାଜା ମୋତେ ଏଠାକୁ ପଠାଇ ଅଛନ୍ତି । ମହାରାଣୀ ଦିବ୍ୟ-ଆମ୍ବ ଭୋଜନ ସକାଶେ ଆଶାୟୀ । ବୃକ୍ଷସମାନେ ମୋତେ ଆମ୍ବ ଦେବାକୁ ମନାକରି ଆପଣଙ୍କ ନିକଟକୁ ଆସିବାକୁ ଉପଦେଶ ଦେଲେ ।

ତପସ୍ୱୀ ଏହା ଶୁଣି ପ୍ରସନ୍ନ ହୋଇ କହିଲେ, ଆଚ୍ଛା, ତୋର ଇଚ୍ଛା ପୂରଣ କରିବ । କିଛି ସମୟ ଅପେକ୍ଷା କର ।

ଯଥାସମୟରେ କୁବେର ପଠାଇଥିବା ଗୋଟିଏ ଆମ୍ବ ଆସିଗଲା । ସେଥିରୁ ଦୁଇଟି ଆମ୍ବ ତପସ୍ୱୀ ନିଜେ ଭକ୍ଷଣ କଲେ । ଗୋଟିଏ ଶୁକପକ୍ଷୀକୁ ଖାଇବାକୁ ଦେଲେ । ଅବଶିଷ୍ଟ ଆମ୍ବକୁ ପକ୍ଷୀର ବେକରେ ବାଂଧି ଦେଇ କହିଲେ, ତୁ ଏଥର ଯାଇପାରୁ ।

ଶୁକପକ୍ଷୀଟି ସାବଧାନତା ସହକାରେ ଉଡି ଉଡ଼ି ଯାଇ ନିଜ ଦେଶର ରାଜାଙ୍କ ନିକଟରେ ପହଞ୍ଚିଲା । ତା'ପରେ ସେ ଆଣିଥିବା ଆମ୍ବକୁ ରାଜାଙ୍କ ହସ୍ତରେ ସମର୍ପଣ କରିଦେଲା ।

ଏହିପରି ଭାବରେ ମହାରାଣୀଙ୍କର ଦିବ୍ୟ-ଆମ୍ବ ଭୋଜନ ଇଚ୍ଛା ପୂରଣ ହେଲା ।

ସେହି ସମୟରେ ମହାରାଣୀ ଥିଲେ ସ୍ୱୟଂ ରାହୁଲଙ୍କ ମାତା । ଶୁକପକ୍ଷୀଟି ଥିଲେ ଆନନ୍ଦ । ଫଳ ଦାତା ତପସ୍ୱୀ ଥିଲେ ସାରିପୁତ୍ର ଏବଂ ଉଦ୍ୟାନ ମଧ୍ୟରେ ବାସ କରୁଥିବା ତପସ୍ୱୀ ଥିଲେ ସ୍ୱୟଂ ବୁଦ୍ଧଦେବ ।

— — —

Digitized by srujanika@gmail.com

ବହୁଦିନ ତଳେ ଥରେ ବୋଧିସତ୍ତ୍ୱ ହସ୍ତୀ ରୂପରେ ଜନ୍ମ ଗ୍ରହଣ କରିଥିଲେ । ସେ ହିମାଳୟ ପ୍ରଦେଶରେ ଜନ୍ମ ହେଲେ । ଜନ୍ମ ହେଲାବେଳେ ସେ ଖୁବ ସୁନ୍ଦର ଦେଖାଯାଉଥିଲେ । ତାଙ୍କ ଶରୀର ବିଶୁଦ୍ଧ ରୌପ୍ୟ ପରି ଝଟକୁ ଥିଲା । ଆଖି ଦୁଇଟି ମଣି ସଦୃଶ ଝଲସି ଉଠୁଥିଲା । ରକ୍ତପଦ୍ମପରି ମୁଖ, ରକ୍ତମଣି ପରି ମସ୍ତକ ଓ ଲାଖପରି ସତେଜ ପାଦଗୁଡ଼ିକ ତାଙ୍କ ଶରୀରକୁ ଖୁବ୍ ମନାଉଥିଲା ।

ସେ ବୟଃପ୍ରାପ୍ତ ହେବାପରେ ହିମାଳୟର ସମସ୍ତ ହସ୍ତୀ ତାଙ୍କୁ ରାଜାର ସମ୍ମାନ ଦେଲେ । ତାଙ୍କର ଅଶୀ ହଜାର ଅନୁଚର ଥିବା ସତ୍ତ୍ୱେ ସେ ଜଙ୍ଗଲରେ ଏକାକୀ ବିଚରଣ କରିବାକୁ ପସନ୍ଦ କରୁଥିଲେ । ତାଙ୍କ ସ୍ୱଭାବ ଅତ୍ୟନ୍ତ ଶାନ୍ତ ଥିଲା । ଭଦ୍ରତାର ଚରମ ଆଚରଣ ପ୍ରଦର୍ଶନ କରୁଥିବା ହେତୁ ସେ ଭଦ୍ରହସ୍ତୀ ରୂପରେ ପରିଚିତ ଥିଲେ ।

ଥରେ ବାରାଣସୀର ଏକ ବଣୁଆ ହିମାଳୟର ଘନ ଅରଣ୍ୟାନୀ ମଧ୍ୟରେ ଚେରମୂଳ ସଂଗ୍ରହ କରିବା ଉଦ୍ଦେଶ୍ୟରେ ବିଚରଣ କରୁଥିଲା । ଜଙ୍ଗଲ ଜିନିଷ ସଂଗ୍ରହ କରି ସହର ବଜାରରେ ନେଇ ବିକ୍ରୟ କରିବା ତାର ପେଷା ଥିଲା । ଦିନେ ସଂଧ୍ୟା ବେଳେ ସେ ହିମାଳୟ ଭିତରେ ବୁଲୁ ବୁଲୁ ବାଟହରା ହୋଇ ଘନ ଅରଣ୍ୟାନୀ ଭିତରେ ପ୍ରବେଶ କଲା । ତା'ପରେ ସେ ରାସ୍ତା ନ ପାଇ ଏଣେ-ତେଣେ ବୁଲିବାକୁ ଲାଗିଲା । ଦିନ ଶେଷହୋଇ ରାତିର ଅଂଧକାର ମାଡ଼ି

Digitized by srujanika@gmail.com

ଆସୁଥିଲା । ହିଂସ୍ରଜନ୍ତୁ ହାବୁଡ଼ରେ ପଡ଼ିଯିବ ବୋଲି ସେ ଆତଙ୍କିତ ହୋଇ-ପଡ଼ିଲା ! ମୃତ୍ୟୁଭୟରେ ସେ କାନ୍ଦି କାନ୍ଦି ଅରଣ୍ୟ ଭିତରେ ରାସ୍ତା ଖୋଜି ଲାଗିଲା ।

ବୋଧିସତ୍ତ୍ୱ ମେଣ୍ଢା ପଥହରା ବଣୁଆ ପ୍ରତି ଦୟାକଲେ । ଅସମୟରେ ତାଙ୍କୁ ସାହାଯ୍ୟ କରିବା ଉଚିତ ମନେକରି, ସେ ବଣୁଆ ପାଖକୁ ଚାଲିବାକୁ ଲାଗିଲେ ; କିନ୍ତୁ ବଣୁଆଟି ନିଜ ପାଖକୁ ଏତେବଡ ହାତୀଟିଏ ମାଡ଼ିଆସୁଥିବା ଦେଖି ଆହୁରି ଭୟ କଲା ଓ ଜୀବନ ବଞ୍ଚାଇବାକୁ ଧାଇଁବା ଆରମ୍ଭ କଲା । ବଣୁଆଟି ଭୟରେ ଧାଇଁ ପଳାଉଥିବା ଦେଖି ହସ୍ତୀ-ରାଜା ଅଟକିଗଲେ । ହସ୍ତୀ ଅଟକି ଯାଇଥିବା ଦେଖି ବଣୁଆଟି ମଧ୍ୟ ଆଶ୍ୱସ୍ତିର ଦୀର୍ଘଶ୍ୱାସ ଛାଡ଼ି ଛିଡ଼ାହେଲା । ବଣୁଆଟି ଛିଡା ହେବାର ଦେଖି ହସ୍ତୀରାଜ ପୁଣି ତା' ଆଡ଼କୁ ଚାଲିଲେ । ବଣୁଆଟି ପୁନର୍ବାର ଭୟପାଇ ଧାଇଁବାକୁ ଲାଗିଲା । ହସ୍ତୀରାଜ ପୁଣି ଅଟକିଲେ । ଅଟକି ଯାଇଥିବା ହସ୍ତୀକୁ ଦେଖି ବଣୁଆ ଭାବିଲା, ମୁଁ ଧାଇଁଲେ ହସ୍ତୀଟି ଅଟକି ଯାଉଛି ଓ ମୁଁ ଅଟକିଗଲେ ସେ ମୋର ଆଡ଼କୁ ଆସୁଛି । ଏଥିରୁ ଜଣା-ପଡ଼ୁଛି, ମୋର ଅନିଷ୍ଟ କରିବା ହସ୍ତୀଟିର ଅଭିପ୍ରାୟ ନୁହେଁ । ମନେହେଉଛି, ହସ୍ତୀଟି ମୋର ସହାୟତା କରିବା ଚାହେଁ । ମୋର ଅନିଷ୍ଟ କରିବା ତାର ଇଚ୍ଛା ନୁହେଁ । ଏହା ଭାବି ସେ ସାହସ ଠୁଳ କରି ହସ୍ତୀର ସମୀପବର୍ତ୍ତୀ ହେଲା ।

ବୋଧିସତ୍ତ୍ୱ ବଣୁଆକୁ ଲକ୍ଷ୍ୟକରି ପ୍ରଶ୍ନ କଲେ, ଓ ଭାଇ ! ତୁମେ ବିପଦରେ ପଡ଼ିଅଛ କି ?

ବଣୁଆଟି ଏହା ଶୁଣି ଉତ୍ତର ଦେଲା, ହଁ ମୁଁ ବିପଦରେ ପଡ଼ିଛି । ବଣ ଭିତରେ ରାସ୍ତା ଭୁଲିଗଲି । ତେଣୁ ବଣର ହିଂସ୍ରଜନ୍ତୁଙ୍କ ହାବୁଡରେ ପଡ଼ି ପ୍ରାଣ ହରାଇବାର ଆଶଙ୍କା କରୁଛି ।

ବୋଧିସତ୍ତ୍ୱ ଏହା ଶୁଣି ବଣୁଆକୁ ନିଜ ପିଠି ଉପରେ ବସିବାକୁ କହିଲେ ଓ ତାକୁ ନେଇ ନିଜ ଗୁମ୍ଫାକୁ ନେଇ ଆସିଲେ । ନିଜଗୁମ୍ଫାରେ ସେ ସେହି ବଣୁଆକୁ ନାନା ପ୍ରକାର ଫଳମୂଳ ଖାଇବାକୁ ଦେଇ ଅଭ୍ୟର୍ଥନା ଜଣାଇଲେ । ଏହାପରେ ସେ ତାକୁ ନିଜ ପିଠିରେ ବସାଇ ତାକୁ ବାରାଣସୀ ରାସ୍ତାରେ ଛାଡ଼ି-ଦେଲେ । ବଣୁଆକୁ କହିଲେ, ଏହି ସିଧାରାସ୍ତାରେ ଗଲେ ବାରାଣସୀରେ ପହୁଞ୍ଚିବ ; କିନ୍ତୁ ମୋର ଗୋଟିଏ ଅନୁରୋଧ ରକ୍ଷାକରି, କାହାରିକୁ ହେଲେ ମୋ' ଗୁଂଫାର ଠିକଣା କହିବ ନାହିଁ । ଯଦି କେହି ମୋ ରହିବା ସ୍ଥାନର ଠିକଣା ପାଇଯାଏ, ମୋର ଶାନ୍ତିଭଙ୍ଗ ଘଟିପାରେ ।

Digitized by srujanika@gmail.com

ବାରାଣସୀରେ ପହଞ୍ଚିବାପରେ ବଣୁଆଟି ଦିନେ ବୁଲି ବୁଲି ଗୋଟିଏ ବଜାରରେ ପହଞ୍ଚିଗଲା । ସେହି ବଜାରରେ ହାତୀ-ଦାନ୍ତ କିଣାବିକା କାରବାର ହେଉଥିଲା । ସେ ଜଣେ ବଣିକ ପାଖକୁ ଯାଇ ପ୍ରଶ୍ନକଲା, ଯଦି ମୁଁ ଆପଣଙ୍କ ପାଖକୁ ଗୋଟିଏ ଜୀବନ୍ତ ହାତୀର ଦାନ୍ତ ଆଣିବି, ତାକୁ ଆପଣ କିଣିବେ କି ?

ବଣିକ କହିଲା, ଏ କଣ କହୁଛ ? ଜୀବନ୍ତ ହାତୀର ଦାନ୍ତ ମୃତ ହାତୀର ଦାନ୍ତ ଅପେକ୍ଷା ଅଧିକ ମୂଲ୍ୟବାନ । ତୁମେ ଯାଇ ନେଇ ଆସନା ! ମୁଁ ଅବଶ୍ୟ କିଣିବି ।

ଏହାଶୁଣି ବଣୁଆଟି ଧନ ଲୋଭରେ, ସଙ୍ଗରେ ହାତୀଦାନ୍ତ କାଟିବା ସାମଗ୍ରୀ ନେଇ ଯିବାର ଆନୁସଙ୍ଗିକ ବ୍ୟବସ୍ଥା କଲା । ସେ ଅବଶେଷରେ ହିମାଳୟରେ ବାସକରୁଥିବା ସେହି ହସ୍ତୀ-ରାଜର ଗୁମ୍ଫାରେ ପହଞ୍ଚିଗଲା ।

ବୋଧିସତ୍ତ୍ୱ ତାକୁ ଦେଖି ପ୍ରଶ୍ନ କଲେ, କୁଆଡ଼େ ଆସିଲ ? ବଣୁଆ ଉତ୍ତର ଦେବାକୁ ଯାଇ କହିଲା, ମୋ' ପ୍ରତି ଦୟାକର । ମୁଁ ଜଣେ ଅତ୍ୟନ୍ତ ଗରିବ ଲୋକ । ଧନ ଅଭାବରେ ଅନେକ କଷ୍ଟ ପାଉଛି । ଯଦି ଦୟାପରବଶ ହୋଇ ମୋତେ ତୁମର ଦାନ୍ତ ଦୁଇଟି ଦିଅନ୍ତ, ତାକୁ ବିକି ମୋର ଜୀବିକା ନିର୍ବାହ କରନ୍ତି ।

ବୋଧିସତ୍ତ୍ୱ କହିଲେ, ଆଚ୍ଛା, ମୁଁ ମୋର ଦାନ୍ତ ଦୁଇଟି ଦେବାକୁ ପ୍ରସ୍ତୁତ ଅଛି ; କିନ୍ତୁ ତାକୁ କାଟିବା ସକାଶେ କରତ ଆବଶ୍ୟକ ।

ବଣୁଆଟି ଏହା ଶୁଣି ଖୁସିହୋଇ କହିଲା, ହଁ ମୁଁ ସଙ୍ଗରେ କରତଟିଏ ବି ନେଇଆସିଛି ।

ବୋଧିସତ୍ତ୍ୱ ଆଣ୍ଠୁ ମାଡ଼ି ଶୋଇପଡ଼ିଲେ ଓ କହିଲେ, ଦାନ୍ତର ଅଗ୍ରଭାଗ କାଟିନିଅ ।

ବୋଧିସତ୍ତ୍ୱ ତା'ପରେ ନିଜର କଟାହୋଇଥିବା ଦାନ୍ତ ଦୁଇଟିକୁ ନିଜ ଶୁଣ୍ଢରେ ଟେକି ବଣୁଆ ହାତକୁ ବଢ଼ାଇ ଦେଉ ଦେଉ କହିଲେ, ମୁଁ ମୋର ଏଇ ପ୍ରିୟ ଦନ୍ତକୁ ତୁମକୁ ସମର୍ପଣ କରିବାର ଉଦ୍ଦେଶ୍ୟ ହେଲା, ତୁମେ ଏହାକୁ ପାଇ ବୁଦ୍ଧଜ୍ଞାନ ପ୍ରାପ୍ତିକର ।

କିନ୍ତୁ ମୂର୍ଖ ବଣୁଆ ସେହି ଦନ୍ତର ମହତ୍ତ୍ୱ ଉପଲବ୍ଧି କରିପାରିଲା ନାହିଁ । ତାକୁ ବଣିକ ପାଖରେ ବିକିଦେଇ, ଉକ୍ତ ଧନରେ କିଛିଦିନ ସୁଖରେ କଟାଇଲା । ତା'ପରେ ଧନ ସରିଯିବା ପରେ ସେ ପୁନର୍ବାର ବୋଧିସତ୍ତ୍ୱଙ୍କ ନିକଟକୁ ଆସି କହିଲା, ହେ ମହାତ୍ମା ! ତୁମେ ଦେଇଥିବା ଅଗ୍ରଭାଗ ଦାନ୍ତ ବିକ୍ରୟ କରି ମୋ ମୁଣ୍ଡ ଉପରେ ଯେଉଁ କରଜ ଥିଲା, ତାହା ତୁଟାଇ ଦେଲି । ବର୍ତ୍ତମାନ ଧନାଭାବ

Digitized by srujanika@gmail.com

ହେତୁ ପୁଣିଥରେ କଷ୍ଟ ହେଉଛୁ । ଦୟାକରି ମୋତେ ଆପଣଙ୍କ ଦନ୍ତର ଅବଶିଷ୍ଟାଂଶ ଦାନକରି ଆପ୍ୟାୟିତ କରନ୍ତୁ ।

ବଣୁଆ ଉପରେ ଦୟା ପ୍ରଦର୍ଶନ କରି ହସ୍ତୀରାଜ ପୁନର୍ବାର ତାଙ୍କ ଦନ୍ତର ଅବଶିଷ୍ଟାଂଶ ଦାନ କରିଦେଲେ । ବଣୁଆଟି ସେହି ଦାନ୍ତ ବିକି ପୁଣି କିଛୁଦିନ ଆରାମରେ ଚଳିଗଲା । ଧନ ସଂଚୟିବାରୁ ଲୋଭାସକ୍ତ ହୋଇ ସେ ପୁନର୍ବାର ହସ୍ତୀରାଜଙ୍କ ସମୀପରେ ଉପସ୍ଥିତ ହୋଇ କହିଲା, ମହାତ୍ମା, କଣ କରିବି, ତଥାପି ଅଭାବ ମେଣ୍ଟିଲା ନାହିଁ । ଦୟାକରି ଆପଣଙ୍କ ମାଢ଼ି ପାଖରେ ଥିବା ଦାନ୍ତର ମୂଳ ଅଂଶତକ ଦାନ କରନ୍ତୁ ।

ବୋଧିସତ୍ତ୍ୱ ସମ୍ମତ ହୋଇ ପ୍ରଥମଥର ପରି ଆଣ୍ଠୁମାଡ଼ି ଶୋଇଲେ ଓ ମୁହଁ ଦେଖାଇଦେଲେ । ଲୋଭାନ୍ଧ ବଣୁଆ, ମିତ୍ର ହସ୍ତୀ-ରାଜଙ୍କର ଉପକାର କଥା ଭୁଲିଯାଇ, ରୌପ୍ୟପରି ଝଟକ ଉଠୁଥିବା ହସ୍ତୀ-ରାଜଙ୍କର ମସ୍ତକକୁ ନିଜ ପାଦରେ ଦଳି, କୈଳାସ ଶୃଙ୍ଗ ସଦୃଶ ସୁଉଚ୍ଚ ମସ୍ତକ ଆରୋହଣ ପୂର୍ବକ ମାଢ଼ି ପାଖର ଦନ୍ତମୂଳରେ ଶାଣିତ କରତ ଚଳାଇବାକୁ ଲାଗିଲା । ବୋଧିସତ୍ତ୍ୱଙ୍କର ମୁଖ କଟିଗଲା ଓ ସେ ଲହୁଲୁହାଣ ହୋଇଗଲେ । ତଥାପି ବଣୁଆ ମନରେ କୌଣସି ଭାବାନ୍ତର ଦେଖାଗଲା ନାହିଁ । ସେ ଲୋଭରେ ପାଗଳ ହୋଇ-ଯାଇଥିଲା । ସଂପୂର୍ଣ୍ଣ ଅନାସକ୍ତ ଭାବରେ ସେ କରତ ଚାଳନ କରି ମାଢ଼ି ପାଖର ମୂଳଦାନ୍ତକୁ କାଟି ଅଲଗା କରିବାରେ ଲାଗିଲା । ତା'ପରେ ସେ ମୂଳ-ଦାନ୍ତକୁ ନେଇ ପଳାଇବାକୁ ବାହାରିଲା ।

ଏପରି ଏକ ଲୋଭାସକ୍ତ, କୃତଘ୍ନ ଓ ମିତ୍ରଘାତକର ଭାର ସଂଭାଳିବା ପାଇଁ ପୃଥିବୀ ପକ୍ଷରେ ମଧ୍ୟ ଦୁସ୍ତର ହୋଇ ଉଠିଲା । ବଣୁଆ ଅଳ୍ପ କିଛିଦୂର ଯାଇଛି କି ନାହିଁ, ପୃଥିବୀ ଫାଟିଗଲା । ସେହି ଦୁଷ୍ଟ କୃତଘ୍ନ ବଣୁଆ ଲୋକଟି ସେହି ଫାଟ ଭିତରେ ପଶି ରସାତଳକୁ ଚାଲିଗଲା ।

ଏହି ଘଟଣା ଦେଖି ସେହି ବଣର ବୃକ୍ଷ ଓ ବନଦେବତାମାନେ କୁହାକୁହି ହେଲେ, ଠିକ୍ ହୋଇଛି । ମିତ୍ରଦ୍ରୋହୀ ଏବଂ କୃତଘ୍ନ ବ୍ୟକ୍ତିର ପରିଣତି ଏହିପରି ଶୋଚନୀୟ ହିଁ ହୋଇଥାଏ ।

———

Digitized by srujanika@gmail.com

ବହୁଦିନ ପୂର୍ବେ ବନାରସରେ ବ୍ରହ୍ମଦତ୍ତ ନାମରେ ଜଣେ ମହାପ୍ରତାପୀ ରାଜା ରାଜୁତି କରୁଥିଲେ । ଥରେ ବୋଧିସତ୍ତ୍ୱ ସେହି ରାଜାଙ୍କର ପାଟରାଣୀ ଗର୍ଭରେ ଜନ୍ମହେଲେ ।

ରାଜକୁମାରଙ୍କ ଜନ୍ମୋପଲକ୍ଷରେ ରାଜା ବହୁତ ଦାନ ଧର୍ମ କଲେ । ରାଜ୍ୟରେ ଖୁବ୍ ଧୁମ୍‌ଧାମ୍‌ରେ ଉତ୍ସବ ପାଳିତ ହେଲା । ନାମକରଣ ଅବସରରେ ରାଜା ରାଜ-ପୁରୋହିତଙ୍କୁ ଡକାଇ ପଚାରିଲେ, ପୁରୋହିତ ମହାଶୟ, ରାଜକୁମାରଙ୍କ କୁଣ୍ଡଳୀ (ଜାତକ) ଦେଖି ଗ୍ରହ ଅବସ୍ଥାନ ଓ ଅନ୍ୟାନ୍ୟ ଲକ୍ଷଣ କହନ୍ତୁ ।

ଜାତକ ଦେଖି ପୁରୋହିତ କହିଲେ, ମହାରାଜ ! ଏହି ନବ କୁମାରଙ୍କ କୁଣ୍ଡଳୀରେ ରାଜଯୋଗ ଅଛି । ଇଏ ବଡ଼ ପୁଣ୍ୟବାନ ହେବ । ଆପଣଙ୍କ ଅନ୍ତେ ରାଜ୍ୟ ଭୋଗ କରିବ ଏବଂ ପାଞ୍ଚପ୍ରକାର ଶସ୍ତ୍ରଚାଳଣାରେ ଦକ୍ଷତା ହାସଲ କରିବ ।

ନିଜ ପୁଅର ସୁନ୍ଦର ଭବିଷ୍ୟତ କଥା ଜାଣି ରାଜା ଅତ୍ୟନ୍ତ ପ୍ରୀତ ହେଲେ । ସେ ପଣ୍ଡିତ ରାଜ-ପୁରୋହିତଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେଇ ସନ୍ତୁଷ୍ଟ କଲେ । ତା'ପରେ ଆଠଶହ ବ୍ରାହ୍ମଣଙ୍କୁ ଭୋଜନଦ୍ୱାରା ଆପ୍ୟାୟିତ କଲେ । ଅବଶେଷରେ ନିଜର ନବଜାତ ପୁଅର ନାମ ରଖିଲେ ପଞ୍ଚାୟୁଧ କୁମାର ।

ରାଜକୁମାର ବୟଃପ୍ରାପ୍ତ ହେବାପରେ ରାଜା ସ୍ଥିର କଲେ ଯେ, ତାଙ୍କ ପୁଅକୁ ଯୁଦ୍ଧବିଦ୍ୟା ଓ ଶସ୍ତ୍ରଚାଳନା ଶିକ୍ଷାଦେବା ଉଚିତ ହେବ । ତେଣୁ ସେ ରାଜ-

Digitized by srujanika@gmail.com

କୁମାରଙ୍କୁ ଡକାଇ କହିଲେ ଦେଖ, ବର୍ତ୍ତମାନ ତୁମେ ବୟଃପ୍ରାପ୍ତ ହୋଇଛ । ତେଣୁ ତୁମେ କୌଣସି ଯୋଗ୍ୟ ଗୁରୁଙ୍କ ପାଖରେ ଯାଇ ଶସ୍ତ୍ର-ବିଦ୍ୟା ଶିକ୍ଷା କର

ରାଜକୁମାର ପିତାଙ୍କୁ ଯଥାଯୋଗ୍ୟ ସମ୍ମାନ ଜଣାଇ କହିଲେ, ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ । କୁହନ୍ତୁ, ମୋତେ କେଉଁ ଗୁରୁଙ୍କ ପାଖକୁ ପଠାଉ ଅଛନ୍ତି ?

ରାଜା କହିଲେ, ବତ୍ସ ! ଗାନ୍ଧାର ଦେଶରେ ଥିବା ତକ୍ଷଶିଳା ନଗରରେ ଥିବା ଶ୍ରେଷ୍ଠ ଆଚାର୍ଯ୍ୟଙ୍କ ପାଖକୁ ଯାଇ ଶିକ୍ଷା ଗ୍ରହଣ କର । ତାଙ୍କୁ ଏକ ହଜାର ମୁଦ୍ରା ଦକ୍ଷିଣାରୂପେ ଅର୍ପଣ କରିବ ।

ରାଜକୁମାର ପିତାଙ୍କ ଆଦେଶରେ ଯାଇ ତକ୍ଷଶିଳାରେ ପହଞ୍ଚିଲେ । ସେଠାରେ ସେ ଜଣେ ପ୍ରସିଦ୍ଧ ଗୁରୁଙ୍କ ନିକଟରୁ ପଞ୍ଚ ଆୟୁଧ ଚାଳନ କରିବା ଶିକ୍ଷା ଲାଭ କଲେ । ତା'ପରେ ଗୁରୁ ଦକ୍ଷିଣା ଦେଇ ଗୁରୁଙ୍କୁ ସନ୍ତୁଷ୍ଟ କରି ନିଜ ରାଜଧାନୀ ଅଭିମୁଖରେ ପ୍ରତ୍ୟାବର୍ତ୍ତନ କଲେ ! ଫେରିବାବେଳେ ପଥରେ ଏକ ଜଙ୍ଗଲ ପଡ଼ିଲା । ସେହି ଜଙ୍ଗଲ ମଧ୍ୟରେ ଶ୍ଳେଷ-ଲୋମ ନାମଧେୟ ଏକ ଭୟଙ୍କର ରାକ୍ଷସ ବାସକରୁଥିଲା । ସେହି ଜଙ୍ଗଲରେ ଯେ କେହି ଲୋକ ପ୍ରବେଶ କଲେ, ତାକୁ ସେ ଖାଇଯାଉଥିଲା । ଜଙ୍ଗଲ ମୁହଁରେ ପଡୁଥିବା ଏକ ଗ୍ରାମର ଗ୍ରାମବାସୀମାନେ ରାଜକୁମାରଙ୍କୁ କହିଲେ, ହେ ଯୁବକ ! ତୁମେ କଦାପି ଏହି ଜଙ୍ଗଲ ରାସ୍ତାରେ ଯାଅ ନାହିଁ । ଭୁଲରେ ବି ଯଦି ଏହି ଜଙ୍ଗଲରେ ପାଦ ଦିଅ, ତାହା ହେଲେ କ୍ରୂର ଯକ୍ଷ ତୁମକୁ ଖାଇଯିବ ।

କିନ୍ତୁ ରାଜକୁମାର ପଞ୍ଚ ଯୁଦ୍ଧ ଅତି ନିର୍ଭୀକ ଥିଲେ । ତାଙ୍କର ପ୍ରଚୁର ଆତ୍ମ-ବଳ ଥିଲା ଓ ନିଜ ହସ୍ତର ଅସ୍ତ୍ର ଉପରେ ପ୍ରଗାଢ଼ ଭରସା ଥିଲା । ତେଣୁକରି ସେ ନିଃସଙ୍କୋଚ ଭାବରେ ଜଙ୍ଗଲ ମଧ୍ୟରେ ପଶିଗଲେ ।

ଦୁଷ୍ଟ ଯକ୍ଷ ରାଜକୁମାରଙ୍କୁ ଦେଖିବାମାତ୍ରେ ନିଜ ଶରୀରକୁ ଉଚ୍ଚ ବୃକ୍ଷ ସଦୃଶ ବଢ଼ାଇଦେଲା । କଳସ ପରି ଦୁଇଟି ବଡ ବଡ଼ ତଥା ବାହାରକୁ ଲମ୍ବି ଆସିଥିବା ଆଖି, ଓଠ ବାହାରକୁ ଲମ୍ବି ଆସିଥିବା ତୀକ୍ଷ୍ଣ ଦାନ୍ତ, ଶଙ୍ଖ ଭଳି ବଡ଼ ପେଟ, ହାତ ଓ ପାଦରେ ଓଜନଦାର ବଳା ଓ ବିରାଟ ମସ୍ତକ ଧାରଣ କରି ସେ ରାଜକୁମାରଙ୍କ ସାମନାକୁ ମାଡ଼ିଆସି ଗର୍ଜି ଉଠିଲା, ରହ, ତୁ କୁଆଡେ ଯାଉଛୁ ? ବହୁ ଦିନ ପରେ ଶିକାର ମିଳିଲୁ । ତୋତେ ଭକ୍ଷଣ କରି କ୍ଷୁଧା ନିବାରଣ କରିବି ।

ରାଜକୁମାର ଉତ୍ତର ଦେଲେ, ରେ ଦୁଷ୍ଟ ଯକ୍ଷ ! ମୁଁ ବିନାବିଚାରରେ ଏଠାକୁ ଆସିନାହିଁ । ମୁଁ ମୋର ବଳ କଳନା କରି ତୋ'ସାମନାକୁ ଆସିଛି ।

Digitized by srujanika@gmail.com

ସାବଧାନ ! ମୋ' ପାଖକୁ ଆସନା । ମୁଁ ତୋର ମୁଣ୍ଡରେ ବିଷ-ଶର ନିକ୍ଷେପ କରି ତୋତେ ମାରି ପକାଇବି ।

ରାଜକୁମାର ତାକୁ ଧମକ ଦେବାପରେ ଗୁରୁଦେବଙ୍କ ନାମ ସ୍ମରଣ କରି ବିଷ-ବାଣ ପ୍ରୟୋଗ କଲେ ; କିନ୍ତୁ ଆଶ୍ଚର୍ଯ୍ୟର କଥା ସେ ବାଣ ଯାଇ ଯକ୍ଷର ଲୋମ କୂପରେ ବିଲୀନ ହୋଇଗଲା । ରାଜକୁମାର ଗୋଟାକ ପରେ ଗୋଟିଏ ହୋଇ ପଚାଶ ସଂଖ୍ୟକ ବିଷବାଣ ପ୍ରୟୋଗ କଲେ ; କିନ୍ତୁ ସବୁତକ ବାଣ ଯକ୍ଷର ଲୋମମୂଳରେ ବାଜିଗଲା । ଯେତେବେଳେ ରାଜକୁମାରଙ୍କ ତୂଣୀରରୁ ସମସ୍ତ ଶର ନିଃଶେଷ ହୋଇଗଲା, ସେ ରାଜକୁମାର ନିକ୍ଷେପ କରିଥିବା ସମସ୍ତ ଶର ନିଜ ଶରୀରରୁ ଝାଡ଼ି ବାହାର କରି ପାଦରେ ଦଳିଦେଲା ଓ ରାଜକୁମାରଙ୍କ ନିକଟକୁ ହସି ହସି ମାଡିଆସିଲା ।

ରାଜକୁମାର ଏହା ଦେଖି ତରବାରି ଚାଳନା କଲେ ; କିନ୍ତୁ ସେ ତରବାରି ମଧ୍ୟ ଯକ୍ଷର ଲୋମମୂଳେ ବାଜିଗଲା । ଏହାପରେ ରାଜକୁମାର ନିଜ ପାଖରେ ଥିବା ବର୍ଚ୍ଛା ଚାଳନ କଲେ । ବର୍ଚ୍ଛା ମଧ୍ୟ ସମଦଶା ପ୍ରାପ୍ତ ହେଲା । ବର୍ଚ୍ଛା ପରେ ରାଜକୁମାର ନିଜର ଓଜନଦାର ଗଦା ବୁଲାଇ ଯକ୍ଷ ଉପରେ ନିକ୍ଷେପ କଲେ ; କିନ୍ତୁ ସେହି ଓଜନଦାର ଗଦା ମଧ୍ୟ ଯକ୍ଷର ଲୋମମୂଳରେ ବାଜିଗଲା ।

ଏହା ଦେଖି ରାଜକୁମାର ଯକ୍ଷକୁ କହିଲେ, ରେ ଦୁଷ୍ଟ ଯକ୍ଷ ! ମୋର ନାମ ପଞ୍ଚାୟୁଧ କୁମାର ଅଟେ । କେବଳ ଅସ୍ତ୍ର ଶସ୍ତ୍ରର ଭରସାରେ ମୁଁ ଏହି ଜଙ୍ଗଲ ମଧ୍ୟରେ ପ୍ରବେଶ କରି ନ ଥିଲି । ଶାରୀରିକ ବଳ ଉପରେ ମଧ୍ୟ ମୋର ଭରସା ଅଛି । ଏହା କହି ସେ ନିଜର ଦକ୍ଷିଣ ହସ୍ତରେ ଯକ୍ଷର ଗାତ୍ର ଉପରେ ବଜ୍ରମୁଷ୍ଟି ପ୍ରହାର କଲେ । ଦକ୍ଷିଣ ହସ୍ତଟି ପୂର୍ବବତ୍ ଯକ୍ଷର ଲୋମ ଭିତରେ ଛନ୍ଦିରି ହୋଇ ଗଲା । ଏହାପରେ ରାଜକୁମାର ନିଜର ବାମ ହସ୍ତରେ ବଜ୍ରମୁଷ୍ଟି ପ୍ରୟୋଗ କଲେ । ବାମ ହସ୍ତଟି ମଧ୍ୟ ଯକ୍ଷର ଗାତ୍ର ଉପରେ ଅଟକିଗଲା । ରାଜକୁମାର ଏହା ଦେଖି ନିଜର ଦକ୍ଷିଣ ଓ ବାମ ପଦରେ ଯକ୍ଷକୁ ପ୍ରହାର କରିବାକୁ ଲାଗିଲେ ସେହି ଦୁଇଟି ପାଦ ମଧ୍ୟ ଯକ୍ଷର ରୋମାବର୍ତ୍ତ ଭିତରେ ଲାଖିଗଲା । ରାଜକୁମାର ଏହାପରେ ନିଜ ମସ୍ତକରେ ଯକ୍ଷର ଉଦରସ୍ଥଳୀକୁ ପ୍ରହାର କଲେ ; କିନ୍ତୁ ରାଜକୁମାରଙ୍କ ମସ୍ତକ ମଧ୍ୟ ଯକ୍ଷର ରୋମାବଳୀ ଭିତରେ ଛନ୍ଦୁରି ହୋଇଗଲା ।

ଅବଶେଷରେ ଯକ୍ଷ ଗର୍ଜ୍ଜନ କରି କହିଲା, ରାଜକୁମାର ! ତୁମର ସମସ୍ତ ଶସ୍ତ୍ର ସମେତ ଶାରୀରିକ ବଳ ମୋ ଆଗରେ ପଣ୍ଡ ହୋଇଯାଇଛି । ଆଉ ତୁମେ କେଉଁ ବଳରେ ମୋ ସଙ୍ଗେ ଲଢ଼ିବ ?

Digitized by srujanika@gmail.com

ରାଜକୁମାର ତଥାପି ନିର୍ଭୟରେ ଉତ୍ତର ଦେଲେ, ଏବେ ମଧ୍ୟ ମୋର ଆଉ ଏକ ବଳ ମହଜୁଦ୍ ଅଛି । ସେଇଟି ହେଲା ଆତ୍ମବଳ । ମୁଁ କଦାପି ଦୁର୍ବଳ ହୋଇଯାଇ ନାହିଁ ।

ଯକ୍ଷ ଏହା ଶୁଣି ମନେ ମନେ ଭାବିଲା, ଏହି ବ୍ୟକ୍ତି ଜଣକ ସାଧାରଣ ବ୍ୟକ୍ତି ନୁହେଁ । ସାଧାରଣ ଲୋକମାନେ ମୋ ପାଖ ମାଡ଼ିବାକୁ ସାହସ କରୁ ନାହାନ୍ତି । ମୋର ଗର୍ଜନ ଶୁଣି ମରି ଯାଉଛନ୍ତି ; କିନ୍ତୁ ଏ ବ୍ୟକ୍ତିର ଶରୀର ମୋ ଶରୀରର ପାଞ୍ଚୋଟି ସ୍ଥାନରେ ଅଟକି ଯାଇଥିଲେ ମଧ୍ୟ ନିର୍ଭୟ ଆଚରଣ କରୁଛି । ମୁଁ ଏହାପୂର୍ବରୁ ଅନେକ ବୀରଙ୍କୁ ମାରିଛି ; କିନ୍ତୁ ଏ ପ୍ରକାର ଧୈର୍ଯ୍ୟବାନ ମଣିଷ ଦେଖି ନାହିଁ । ଏହାକୁ ଖାଇବାକୁ ମୋର ମନ ଡାକୁ ନାହିଁ । ଏହା ଭାବି ସେ ରାଜକୁମାରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କଲା, ହେ ବାଳକ, ମୋତେ କହ, ମରିବାକୁ ତୁ ଭୟ କରୁନୁ କାହିଁକି ?

ରାଜକୁମାର ଏହା ଶୁଣି ଉତ୍ତର ଦେଲେ, ମୃତ୍ୟୁକୁ ଭୟ କରିବାର କୌଣସି କାରଣ ନାହିଁ । ଜନ୍ମ ପାଇଲେ ଦିନେ ନା ଦିନେ ମରିବାକୁ ହେବ । ତାହା-ହେଲେ ମୃତ୍ୟୁକୁ ଭୟ କାହିଁକି ? ମୋର ଶରୀରରେ ଜ୍ଞାନ ଆୟୁଧ ରହିଛି । ମୋତେ ତୁ ଖାଇଲେ ହଜମ କରିପାରିବୁ ନାହିଁ । ତଦ୍ଦ୍ୱାରା ତୋର ବିନାଶ ହେବ ।

ଏହା କହି ବୋଧିସତ୍ତ୍ୱ ଯକ୍ଷ ଆଗରେ ଜ୍ଞାନ ଆୟୁଧ କଥା ଚର୍ଚ୍ଚା କଲେ । ରାଜକୁମାରଙ୍କ କଥା ଶୁଣି ଯକ୍ଷ ଭୟ ପାଇଗଲା ଏବଂ ତାଙ୍କୁ ଛାଡ଼ି ଦେଇ ଦେଇ କହିଲା, ହେ ପଞ୍ଚାୟୁଧ ! ତୁ ପୁରୁଷଶ୍ରେଷ୍ଠ ଅଟୁ । ମୁଁ ଯେ ତୋତେ ହଜମ କରି ପାରିବି ନାହିଁ, ଏକଥା ସତ୍ୟ ଅଟେ । ତେଣୁ ରାହୁ ଚନ୍ଦ୍ରମାକୁ ମୁକ୍ତ କଲାପରି ମୁଁ ତୋତେ ମୁକ୍ତି ଦେଉଛି । ତୁ ଚାଲିଯାଇ ନିଜର ତେଜ ବଳରେ ନିଜ ବଂଶକୁ ହେଳାଦ୍ଧ ନ କର ।

ରାଜକୁମାର କହିଲେ, ମୁଁ ତ ନିଶ୍ଚୟ ମୋ ଘରକୁ ଫେରିଯିବି ; କିନ୍ତୁ ତତ୍ପୂର୍ବରୁ ତୋତେ ତୋର ପାପକର୍ମରୁ ନିବର୍ତ୍ତାଇ ଦେବି । ପୂର୍ବ ଜନ୍ମରେ ତୁ ନିଷ୍ଠୁର କର୍ମ କରିଥିବା କାରଣରୁ ଏହି ଜନ୍ମରେ ଯକ୍ଷ ହେଲୁ ଏବଂ ଲୋକଙ୍କୁ ହତ୍ୟା କଲୁ । ଏବେ ଏହି ଜନ୍ମରେ ମଧ୍ୟ ଯଦି ତୁ ସତର୍କ ହେବୁ ନାହିଁ, ତାହା-ହେଲେ ଚିରଦିନ ଅନ୍ଧକାରରେ ରହିଯିବୁ । ମନେରଖ, ସମସ୍ତଙ୍କୁ କର୍ମଫଳ

Digitized by srujanika@gmail.com

ଭୋଗ କରିବାକୁ ହୁଏ । ଶୁଭ କର୍ମର ଫଳ ମଙ୍ଗଳଦାୟକ ଅଟେ । ସେହିପରି ପାପକର୍ମର ପରିଣତି ଦୁଃଖଦାୟକ ଅଟେ ।

ଏହିପ୍ରକାର ପକ୍ଷୀକୁ ସଦୁପଦେଶ ଦେଇ ବୋଧିସତ୍ତ୍ୱ ତାଙ୍କୁ ପାପମାର୍ଗରୁ ନିବୃତ୍ତ କଲେ ଓ ସଦାଚାର ମାର୍ଗ ପ୍ରଦର୍ଶନ କଲେ । ଏହାପରେ ବୋଧିସତ୍ତ୍ୱ ଜଙ୍ଗଲରୁ ଫେରିଆସି ଜଙ୍ଗଲ ଉପକଣ୍ଠରେ ବସବାସ କରୁଥିବା ଗ୍ରାମବାସୀଙ୍କ ସଙ୍ଗରେ ସାକ୍ଷାତ କଲେ । ସେମାନଙ୍କୁ ପକ୍ଷୀ ସମ୍ପର୍କରେ ନିର୍ଭୟ କରି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ।

ରାଜା ଏବଂ ରାଣୀ ସେମାନଙ୍କ ପ୍ରିୟ ପୁତ୍ରକୁ ନିକଟର ପରମ ସୁଖରେ ଜୀବନ ଯାପନ କଲେ । ବୋଧିସତ୍ତ୍ୱ ମଧ୍ୟ ଯଥାସମୟରେ ରାଜା ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

Digitized by srujanika@gmail.com

କାଶୀ ରାଜ୍ୟରେ ରାଜା ବ୍ରହ୍ମଦତ୍ତ ରାଜୁତି କଲାବେଳେ ବୋଧିସତ୍ତ୍ୱ ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ତକ୍ଷଶିଳା ଯାଇ ବିଦ୍ୟାଭ୍ୟାସ କଲେ ଓ ତା'ପରେ ବିବାହହୋଇ ଗୃହସ୍ଥ ଜୀବନ ଯାପନ କଲେ । ପିତାମାତାଙ୍କର ମୃତ୍ୟୁ ହେବା ପରେ ତାଙ୍କ ମନରେ ବୈରାଗ୍ୟ ଜାତହେଲା । ସେ ଘର ଛାଡ଼ି ହିମାଳୟକୁ ଯାତ୍ରାକଲେ । ସେଇଠି ସେ ଫଳମୂଳ ଖାଇ ଅନେକ ଦିନ ରହିବା ପରେ କାଶୀ ରାଜ୍ୟକୁ ଫେରିଆସି ରାଜଉଦ୍ୟାନରେ ବସବାସ କଲେ ।

ସେହି ସମୟରେ ଜଣେ କାଠୁରିଆ କାଠ ଆଣିବାକୁ ଜଙ୍ଗଲକୁ ଯାଇଥିଲା । କାଠ ସଂଗ୍ରହ କରି ଫେରିବାରେ ତାର ବିଳମ୍ବ ହେବାରୁ, କାଠ ବୋଝ ଉପରେ ଭରଦେଇ ସେଇ ରାତିଟା କଟାଇଦେଲା । ସେ ଶୋଇ ଶୋଇ ଦେଖିଲା, ପାଖରେ କୁକୁଡ଼ାମାନଙ୍କର ଗୋଟିଏ ଆବାସସ୍ଥଳୀ ରହିଛି । ସକାଳ ନ ପାହୁଣୁ ସେମାନେ ପରସ୍ପର ମଧ୍ୟରେ କଳହଗୋଳ ଆରମ୍ଭ କରି ଦେଉଛନ୍ତି ।

ସେମାନଙ୍କ ମଧ୍ୟରୁ ଗୋଟିଏ କୁକୁଡ଼ା ଗଛଡାଳ ଉପରେ ବିଶ୍ରାମ ନେଉଥିଲା । ସେ ମଳତ୍ୟାଗ କରିବାରୁ ତଳେଥିବା ଏକ କୁକୁଡ଼ା ଉପରେ ପଡ଼ିଲା । ଏହି କଥା ଉପରେ ଉଭୟଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଗଲା । ସେମାନେ ଉଭୟ ଉଭୟଙ୍କୁ ନିଜ ନିଜର ବାହାଦୁରି ଶୁଣାଇ ବଡ଼ପଣ ଜାହିର୍ କରିବାକୁ ଲାଗିଲେ ।

Digitized by srujanika@gmail.com

ତଳେଥିବା କୁକୁଡ଼ା ନିଜର ବାହାଦୁରୀ ବଖାଣିବାକୁ ଯାଇ କହିଲା, ଯଦି ମୋତେ କେହି ମାରି ଖାଇବ, ତାହା ହେଲେ ସକାଳ ପାହିବା ମାତ୍ରେ ତାକୁ ହଜାରେ ମୁଦ୍ରା ପ୍ରାପ୍ତିହେବ ।

ଗଛଡ଼ାଳ ଉପରେ ବସିଥିବା କୁକୁଡ଼ା ଏହାର ଉତ୍ତର ଦେବାକୁ ଯାଇ କହିଲା, ଏତିକରେ କଣ ଫୁଲିଯାଉଛୁ ? ମୋ ଗୁଣ ଶୁଣ୍ । ଯଦି କେହି ମୋ ଦେହର ଉପରର ମାଂସ ଖାଇବ ତାହା ହେଲେ ସେ ସେନାପତି ହେବ ; ମୋ ଦେହର ଭିତରର ମାଂସ ଖାଇବ, ତାହା ହେଲେ ସେ ରାଜା ହେବ । ଯଦି କୌଣସି ସ୍ତ୍ରୀ ମୋ ମାଂସ ଖାଇବ, ତାହା ହେଲେ ସେ ଅବଶ୍ୟ ରାଜ୍ୟର ପାଟରାଣୀ ହେବ । ମୋ ହାଡ଼ରୁ ମାଂସ ଖାଇବା ଲୋକ ରାଜାଙ୍କର ଭଣ୍ଡାର-ରକ୍ଷକ ହେବ । ସାଧୁ ମୁହଁରେ ମୋ ମାଂସ ପଡ଼ିଲେ ସେ ନିଶ୍ଚୟ ରାଜଗୁରୁ ପଦକୁ ହାସଲ କରିବ ।

କାଠୁରିଆ ସେମାନଙ୍କ କଥା ମନଦେଇ ଶୁଣୁଥିଲା । ସେ କଥାର ଉଦ୍ଦେଶ୍ୟ ବୁଝି ସେ ଅବାକ୍ ହୋଇଗଲା । ଭାବିଲା, ସକାଳୁ ସଂଜଯାଏ କାଠ ହାଣି ହାଣି ଓ ପରେ ତାକୁ ବିକି ଗୁଜୁରାଣ ମେଣ୍ଟାଇବାକୁ ମୋତେ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ପଡ଼ୁଛି । ତଥାପି ପେଟପୂରା ଆଧାର ମିଳୁନାହିଁ । ଏଇତ କାଲିକାର କଥା ! କାଠ ହାଣୁ ହାଣୁ ରାତି ହେଲା । ରାତିରେ ସହରର ପ୍ରବେଶ ଦ୍ଵାର ବନ୍ଦ ହୋଇଯିବାରୁ ଘରକୁ ଆଉ ଫେରିପାରିଲି ନାହିଁ । ଏପରି ଅବସ୍ଥାରେ ଏହି କୁକୁଡ଼ାମାନଙ୍କୁ ନେଇ ମୋ'ଭାଗ୍ୟର ପରିବର୍ତ୍ତନ ଆଣିପାରିଲେ କ୍ଷତି କଣ ?

ଏହାପରେ ସେ ତଳ କୁକୁଡ଼ାର ମାଂସ ଖାଇବ କି ଗଛ ଡାଳରେ ଥିବା କୁକୁଡ଼ାର ମାଂସ ଖାଇବ, ସେହି ପ୍ରଶ୍ନ ନେଇ ଚିନ୍ତା ସଙ୍କଟରେ ପଡ଼ିଗଲା । ସେ ଭାବିଲା, ତଳେ ଥିବା କୁକୁଡ଼ାର ମାଂସ ଖାଇଲେ ପ୍ରତିଦିନ ହଜାରେ କରି ମୁଦ୍ରା ମିଳିବ । ମୋ'ପରି ଲୋକ ପକ୍ଷରେ ଦୈନିକ ହଜାରେ ମୁଦ୍ରା ପାଇବା କମ୍ କଥା ନୁହେ । ତଥାପି ଯଦି ରାଜ୍ୟର ରାଜା, ସେନାପତି ଓ ଭଣ୍ଡାର-ରକ୍ଷକ ହେବା ମୋ ହାତର କଥା, ତାହା ହେଲେ କେବଳ ହଜାରେ ମୁଦ୍ରା ପାଇଁ ଏତେବଡ଼ ସୁବିଧା ସୁଯୋଗ ହରାଇବି କାହିଁକି ?

ଏହା ସ୍ଥିରକରି କାଠୁରିଆଟି ଗଛ ଉପରକୁ ଚଢ଼ିବାକୁ ଲାଗିଲା । ତା'ପରେ ସେ ଗଛଡାଳରେ ଶୋଇଥିବା କୁକୁଡ଼ା ପାଖକୁ ଧୀରେ ଧୀରେ ଯାଇ ତାକୁ ଧରି ପକାଇଲା ଏବଂ ତାକୁ ମାରି ସଙ୍ଗରେ ନେଇଆସିଲା ।

Digitized by srujanika@gmail.com

ସକାଳ ପାହିବା ମାତ୍ରେ ସହରର ପ୍ରବେଶ ଦ୍ୱାର ଫିଟିଗଲା । କାଠୁରିଆଟି ସଙ୍ଗେ ସଙ୍ଗେ ସହର ଭିତରେ ପଶିଗଲା । ଘରକୁ ଯାଇ ସେ କୁକୁଡ଼ାର ପେଟ ଧୋଇ ପରିଷ୍କାର କଲା ଓ ଆପଣାର ସ୍ତ୍ରୀକୁ ରାନ୍ଧିବାକୁ କହିଲା । ମାଂସ ରାନ୍ଧି ସାରିବା ପରେ କାଠୁରିଆର ସ୍ତ୍ରୀ କାଠୁରିଆକୁ ତାହା ଖାଇବାକୁ ଦେଲା ।

କିନ୍ତୁ କାଠୁରିଆଟି ସେ ପର୍ଯ୍ୟନ୍ତ ଗାଧୋଇ ନ ଥିଲା । ତେଣୁ ସେ ରନ୍ଧା ମାଂସକୁ ସଙ୍ଗରେ ନେଇ ଗଙ୍ଗାନଦୀକୁ ଗାଧୋଇବାକୁ ବାହାରିଲା । ସେ ଗଙ୍ଗା ନଦୀରେ ପହଞ୍ଚି ମାଂସକୁ କୂଳପାଖରେ ରଖି ଗାଧୋଇବାକୁ ପାଣିକୁ ଓହ୍ଲାଇଲା । କାଠୁରିଆଟି ଗାଧୋଉଛି, ଠିକ୍ ଏତିକିବେଳେ ଗଙ୍ଗାନଦୀରେ ଗୋଟିଏ ବଡ଼ ଲହଡ଼ା ଦେଖାଦେଲା । ସେହି ଲହଡ଼ା, କୂଳରେ ରଖାଯାଇଥିବା ମାଂସ ପାତ୍ରକୁ ନିଜ ସଙ୍ଗରେ ଭସାଇ ନେଇଗଲା ।

ମାଂସପାତ୍ରଟି ନଈସୁଅରେ ପଡ଼ି ଭାସିବାକୁ ଲାଗିଲା । ଠିକ୍ ଏତିକିବେଳେ ଜଣେ ମାହୁନ୍ତ ତା ହାତୀକୁ ଗଙ୍ଗାନଦୀରେ ଗାଧୋଇ ଦେବ ବୋଲି ଆଣିଥିଲା । ସେ ଗଙ୍ଗାନଦୀରେ ଭାସୁଥିବା ପାତ୍ରଟିକୁ କୂଳକୁ ନେଇଆସିଲା ।

ହାତୀ-ମାଲିକ ପ୍ରଶ୍ନ କଲେ, ପାତ୍ରରେ କ'ଣ ଅଛି ? ମାହୁନ୍ତ କହିଲା, ପାତ୍ରରେ କୁକୁଡ଼ା ମାଂସ ଓ କିଛି ଅନ୍ନ ଅଛି ।

ପାତ୍ରରେ ନିଜର ସନ୍ତକ-ମୁଦ୍ରା ଅଙ୍କନ କରି ହାତୀ-ମାଲିକ ତାକୁ ନିଜ ପତ୍ନୀ ପାଖକୁ ପଠାଇଦେଲେ । ସେ ତା' ସାଙ୍ଗରେ ଖବର ପଠାଇଲେ ଯେ, ସେ ନିଜେ ଘରକୁ ନ ଫେରିବା ପର୍ଯ୍ୟନ୍ତ ପାତ୍ରଟି ଖୋଲାଯିବ ନାହିଁ କି କାହାକୁ ବାଣ୍ଟିବାକୁ ହେବ ନାହିଁ ।

ହାତୀ-ମାଲିକଙ୍କର ଜଣେ ଗୁରୁ ଥିଲେ ତାଙ୍କର ଦିବ୍ୟଦୃଷ୍ଟି ଥିଲା । ସେ ସେହି ଦିବ୍ୟଦୃଷ୍ଟି ବଳରେ ପାତ୍ର ଭିତରେ ଥିବା ମାଂସର ସମସ୍ତ ଗୁଣ ଜାଣି ପାରିଲେ । ସେ ଅତିଶୀଘ୍ର ଯାଇ ଶିଷ୍ୟଘରେ ପହଞ୍ଚିଲେ ।

ଇତିମଧ୍ୟରେ ହାତୀ-ମାଲିକ ମଧ୍ୟ ନିଜ ଘରେ ପହଞ୍ଚି ଯାଇଥିଲେ । ସେ ଆଦେଶ ଦେଲେ ଯେ, ପାତ୍ରମଧ୍ୟରେ ଯାହାକିଛି ଅଛି, ତାହା ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯିବ ; କିନ୍ତୁ ଦିବ୍ୟଦୃଷ୍ଟିସମ୍ପନ୍ନ ଗୁରୁ କହିଲେ, ମୁଁ ପାତ୍ର ଭିତରେ ଥିବା ଅନ୍ନସବୁ ଓ ମାଂସତକ ବାଣ୍ଟିଦେବି ।

ଗୁରୁଙ୍କ କଥା ଶୁଣି ଶିଷ୍ୟ ହାତୀ-ମାଲିକ କହିଲେ, ଆପଣ ଯାହା କରିବାକୁ ଚାହୁଁଛନ୍ତି, କରନ୍ତୁ ।

Digitized by srujanika@gmail.com

ଗୁରୁ କୁକୁଡ଼ା ଦେହର ଉପର ମାଂସତକ ହାଣ୍ଡି-ମାଲିକଙ୍କୁ ଦେଲେ, ଭିତର ମାଂସତକ ହାଣ୍ଡି-ମାଲିକର ସ୍ତ୍ରୀଙ୍କୁ ଦେଲେ ଓ ହାଡ଼ତକ ନିଜେ ଖାଇଲେ । ଖିଆପିଆ ସାରି ସେ ବିଦାୟ ନେଲାବେଳେ ଶିଷ୍ୟକୁ ଡାକି କହିଲେ, ଏବେ ତୁମର ମାହେନ୍ଦ୍ର ଯୋଗ ପଡ଼ିଛି । ତିନିଦିନ ମଧ୍ୟରେ ରାଜା ହେବ । କିନ୍ତୁ ଖବରଦାର, ଏହା ଭିତରେ ହରବର ଭିତରକୁ ପଶ ନାହିଁ । ସାବଧାନରେ ଚଳ । ଗ୍ରହ ତୁମର ଉଚ୍ଚ ଅଛି ।

ସତକୁ ସତ ଘଟଣାର ତୃତୀୟ ଦିନ, ବାହାର ଶତ୍ରୁ ଆସି କାଶୀ ରାଜ୍ୟ ଆକ୍ରମଣ କଲେ । ଶତ୍ରୁପକ୍ଷ ଅତ୍ୟନ୍ତ ବଳଶାଳୀ ଥିଲେ । କାଶୀରାଜା ଭାବିଲେ, ଯୁଦ୍ଧ ଅତି ଭୟଙ୍କର ରୂପ ଧାରଣ କରିବ । ପରିଶେଷରେ ସେ ଜିଣି ପାରନ୍ତି । କିନ୍ତୁ ଯୁଦ୍ଧର ପ୍ରଥମ ଅବସ୍ଥାରେ ସେ ଯଦି ମୃତ୍ୟୁମୁଖରେ ପଡ଼ନ୍ତି, ତାହା ହେଲେ ହେବ କ'ଣ ? ତେଣୁ ସେ ହାଣ୍ଡି-ମାଲିକକୁ ଡାକି କହିଲେ, ଆସ ଆମର ପୋଷାକ ପରିବର୍ତ୍ତନ କରିବା । ତୁମେ ମୋ ପୋଷାକ ପିନ୍ଧି ଆଗୁଆ ଯୁଦ୍ଧରେ ଯୋଗ ଦେବ । ମୁଁ ପଛରେ ଥିବା ସୈନ୍ୟବାହିନୀ ଚାଳନା କରିବି ।

କିନ୍ତୁ ଘଟଣା ଘଟିଲା ଅନ୍ୟ ପ୍ରକାର । ଶତ୍ରୁପକ୍ଷର ତୀର ଆସି ହାଣ୍ଡି ମାଲିକର ପୋଷାକ ପିନ୍ଧି ସୈନ୍ୟ ଚାଳନା କରୁଥିବା ଅସଲ ରାଜାଙ୍କୁ ଘାଏଲ୍ କଲା ଓ ସେ ମୃତ୍ୟୁମୁଖରେ ପଡ଼ିଲେ ।

ଯୁଦ୍ଧ ଅତ୍ୟନ୍ତ ଭୟଙ୍କର ହେଲା । ହାଣ୍ଡି-ମାଲିକ ଖୁବ୍ ସାହସର ସହିତ ଶତ୍ରୁପକ୍ଷର ମୁକାବିଲା କଲେ । ସମସ୍ତଙ୍କର ଧାରଣା ହେଲା, ଯଦି ହାଣ୍ଡି-ମାଲିକ ନ ଥାନ୍ତେ, ତାହା ହେଲେ କାଶୀରାଜ୍ୟ ଶତ୍ରୁ ରାଜାଙ୍କର କବଳିତ ହୋଇଥାନ୍ତା ।

ଯୁଦ୍ଧରେ କାଶୀରାଜ୍ୟର ବିଜୟ ହେଲା ।

କାଶୀରାଜ୍ୟ ବିଜୟ ହାସଲ କରିବା ପରେ ବିଚାର ଚାଲିଲା, ରାଜା ତ ମଲେ ; ଏଥର ରାଜା ହେବ କିଏ ? ଏହା ଶୁଣି କେତେ ଲୋକ କହିଲେ, ରାଜା ମରିବା କଥା ନିଜେ ଜାଣିପାରିଥିଲେ । ତେଣୁ ସେ ମରିବାପୂର୍ବରୁ ହାଣ୍ଡି-ମାଲିକଙ୍କୁ ନିଜ ପୋଷାକରେ ସୁସଜ୍ଜିତ କରିଥିଲେ । ସରଦାର ହିଁ ରାଜା ହେବାର ଯୋଗ୍ୟ ବ୍ୟକ୍ତି । ସେହି ବିଚାର କାଏମ ହେଲା । ସେହି ହାଣ୍ଡି-ମାଲିକ ରାଜା ହେଲେ । ତାଙ୍କର ସ୍ତ୍ରୀ ପାଟରାଣୀ ହେଲେ ଓ ଗୁରୁ 'ରାଜଗୁରୁ' ପାଲଟିଗଲେ ।

ସେହି ରାଜା ସ୍ୱୟଂ ଆନନ୍ଦ ଥିଲେ ଓ ରାଜଗୁରୁ ବୁଦ୍ଧ ଥିଲେ ।

— — —

Digitized by srujanika@gmail.com

ବୋଧିସତ୍ତ୍ୱ ଥରେ ତକ୍ଷଶିଳାର ଅଧ୍ୟାପକ ରୂପରେ ଜନ୍ମ ଗ୍ରହଣ କରିଥିଲେ । ସେ ସମୟରେ ତକ୍ଷଶିଳା ଭାରତର ଏକ ପ୍ରଧାନ ଶିକ୍ଷାପୀଠ ଥିଲା । ସେଠାରେ ବେଦ, ଉପନିଷଦ, ଶାସ୍ତ୍ର ପୁରାଣ ପ୍ରଭୃତି ନାନାଶାସ୍ତ୍ର ଚର୍ଚ୍ଚା ହେଉଥିଲା । ବହୁ ଶାସ୍ତ୍ରଜ୍ଞ ପଣ୍ଡିତ ସେଠାରେ ଅଧ୍ୟାପକ ଭାବରେ ରହି ବିଦ୍ୟାଦାନ କରୁଥିଲେ । ଯେଉଁମାନେ ଶାସ୍ତ୍ରଜ୍ଞ ହେବାକୁ ଇଚ୍ଛା କରୁଥିଲେ, ସେମାନଙ୍କୁ ତକ୍ଷଶିଳା ଯିବାକୁ ପଡୁଥିଲା । ବହୁ ଶିକ୍ଷକ ଓ ଛାତ୍ରରେ ତକ୍ଷଶିଳା ଭରପୂର ହୋଇଥିଲା ।

ବୋଧିସତ୍ତ୍ୱଙ୍କ ଶିକ୍ଷାଦାନ ପ୍ରଣାଳୀ ଅତ୍ୟନ୍ତ ଆକର୍ଷଣୀୟ ଥିଲା । ତାଙ୍କର ଶିକ୍ଷାଦାନ ଫଳରେ ଶିକ୍ଷା ସଦନର ଛାତ୍ରକୁଳ କଠିନ ବିଦ୍ୟା ଆୟତ୍ତ କରିବା ସଙ୍ଗେ ସଙ୍ଗେ ମନୁଷ୍ୟ ଜୀବନର ଶ୍ରେଷ୍ଠ ଗୁଣମାନ ଅର୍ଜ୍ଜନ କରି ପାରୁଥିଲେ । ସେଥିପାଇଁ ଅନ୍ୟାନ୍ୟ ଶିକ୍ଷକଙ୍କ ତୁଳନାରେ ସେ ଶିଷ୍ୟକୁଳର ଅଧିକ ପ୍ରିୟ ହୋଇ ପାରିଥିଲେ ।

ସେତେବେଳେ ତକ୍ଷଶିଳାରେ 'ପାପକ' ନାମରେ ଜଣେ ଶିଷ୍ୟ ବୋଧିସତ୍ତ୍ୱଙ୍କ ନିକଟରେ ବିଦ୍ୟାଭ୍ୟାସ କରୁଥିଲା ।

ଦିନେ ପାପକ ଅତି ବିଷର୍ଣ୍ଣ ମନରେ ବୋଧିସତ୍ତ୍ୱଙ୍କ ନିକଟକୁ ଆସି ଜଣାଇଲା, ଗୁରୁଦେବ ! ମୋର ନାମ ପାପକ ହୋଇଥିବାରୁ ମୋତେ ଖୁବ୍ ଲଜ୍ଜା ମାଡୁଛି । ସହାଧ୍ୟାୟୀମାନେ ମୋତେ ସେଥିପାଇଁ ବ୍ୟଙ୍ଗପରିହାସ କରୁଅଛନ୍ତି । ତେଣୁ

Digitized by srujanika@gmail.com

ମୋର କୌଣସି କାର୍ଯ୍ୟରେ ଇଚ୍ଛା ଲାଗୁ ନାହିଁ । ତକ୍ଷଶିଳାରେ ଏତେ ଛାତ୍ର ଅଛନ୍ତି, ଅଥଚ ମୋର ଭଳି କଦର୍ଯ୍ୟ ନାମ ଆଉ କାହାର ନାହିଁ । ତେଣୁ ଦୟାକରି ମୋର ପାପକ ନାମ ପରିବର୍ତ୍ତନ କରି ଭଲ ନାମଟିଏ ଦିଅନ୍ତୁ ଓ ସମସ୍ତେ ମୋତେ ସେହି ନାମରେ ଡାକିବାକୁ ଆଦେଶ କରନ୍ତୁ ।

ପାପକର ନିବେଦନ ଶୁଣି ବୋଧିସତ୍ତ୍ୱ ତାଙ୍କୁ ଆଶ୍ୱାସନା ଦେଇ କହିଲେ, ଏଇଥିପାଇଁ ମନକଷ୍ଟ କରୁଛ ? ଏଥିରେ ମନକଷ୍ଟ କରିବାର କ'ଣ ଅଛି ? ମୁଁ ତୁମକୁ ଅନୁମତି ଦେଉଛି, ତୁମେ ଆଜିଠାରୁ ପର୍ଯ୍ୟଟନ କରିବାକୁ ଚାଲିଯାଅ । ବିଭିନ୍ନ ଗ୍ରାମ, ସହର ଓ ପରିବାର ସଙ୍ଗେ ସମ୍ପର୍କ ସ୍ଥାପନକରି ଭଲ ଭଲ ନାମ ସଂଗ୍ରହ କର । ସେହି ନାମତାଲିକାରୁ ଯେଉଁଟି ତୁମର ଅଧିକ ପସନ୍ଦ ହେବ, ତାହା ମୋତେ ଜଣାଅ । ମୁଁ ସେହି ଅନୁଯାୟୀରେ ତୁମର ନାମକରଣ କରିଦେବି ।

ପାପକ ଏହା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲା । ସେ ଗୁରୁଦେବଙ୍କ ଆଶୀର୍ବାଦ ନେଇ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବାହାରି ଗଲା । ସେ ବିଭିନ୍ନ ଗ୍ରାମ ଓ ସହର ଭ୍ରମଣ କରି ସୁନ୍ଦର ସୁନ୍ଦର ନାମସବୁ ସଂଗ୍ରହ କରିବାକୁ ମନସ୍ଥ କରିଥିଲା ।

ପାପକର ଚାଲିବାଟରେ ଗୋଟିଏ ଶ୍ମଶାନ ପଡ଼ିଲା । ସେଠାରେ ସେ ଦେଖିବାକୁ ପାଇଲା ଯେ, ଗୋଟିଏ ବାଳକର ଶବ ରଖାଯାଇଛି । ଲୋକମାନେ ତାଙ୍କୁ ଦାହ କରିବା ସକାଶେ ଚିତାଗ୍ନିର ଆୟୋଜନ କରୁଅଛନ୍ତି । ପାପକ କୌତୁହଳର ବଶବର୍ତ୍ତୀ ହୋଇ ପ୍ରଶ୍ନକଲା, ମୃତ ବାଳକର ନାମ କ'ଣ ଥିଲା ?

ଜଣେ ଉତ୍ତର ଦେଲା, ମୃତ ବାଳକର ନାମ ଜୀବକ ଥିଲା ।

ଜୀବକ ନାମ ଶୁଣି ପାପକ ଚମକିଉଠିଲା ଓ ଭାବିବାକୁ ଲାଗିଲା, ଏ ତ ଅତି ଅଦ୍ଭୁତ କଥା ଦେଖିଲି । ଯାହାର ନାମ ଜୀବକ ସେ ଅତି କମରେ ଶତାୟୁ ହେବା ଉଚିତ ; କିନ୍ତୁ ସେ ଏତେ କମ୍ ବୟସରେ ମଲା କେମିତି ?

ଏମିତି ଭାବି ଭାବି ଚାଲିଛି, ପାପକ ଆଉ ଏକ ଗ୍ରାମରେ ପହଞ୍ଚିଲା । ସେଠାରେ ସେ ଦେଖିବାକୁ ପାଇଲା, ଜଣେ ଗୃହସ୍ଥ ତାର ଦାସୀକୁ ଅତି ନିଷ୍ଠୁର ଭାବରେ ପ୍ରହାର କରୁଛି । ତାର କାରଣ ପଚାରି ପାପକ ଜାଣିବାକୁ ପାଇଲା ଯେ, ଗୃହସ୍ଥ ଉକ୍ତ ଦାସୀକୁ କିଛି ଜିନିଷ ଦେଇ ହାଟକୁ ବିକିବାପାଇଁ ପଠାଇଥିଲା ।

Digitized by srujanika@gmail.com

କିନ୍ତୁ ଦାସୀଜଣକ ସେସବୁ କେବଳ ମୂକେ ମୂକେ ସହି ଦେଉଥିଲା । ଲାଭ ନ ହେବାରୁ ଗୃହସ୍ଥ କ୍ରୁଦ୍ଧ ହୋଇ ଦାସୀକୁ ପ୍ରହାର କରୁଥିଲା ।

ପାପକ ସେହି ଦାସୀର ନାମ ପଚାରିଲା ; କିନ୍ତୁ ଦାସୀର ନାମ 'ଲକ୍ଷ୍ମୀ' ବୋଲି ଜାଣି ପାପକ ପରମ ବିସ୍ମୟରେ ଫାଟି ପଡ଼ିଲା । ସେ ମନେ ମନେ ଭାବିଲା, 'ଲକ୍ଷ୍ମୀ' ନାମ ପାଇ ପୁଣି ଏତେ ଦୁଃଖ ! ଲକ୍ଷ୍ମୀ ପୁଣି ଦାସୀ ହୋଇ ପର ଘରେ ଘଚର ଖଟୁଛି ?

ସେହି ଗ୍ରାମରେ ରହିବାକୁ ପାପକକୁ ଆଉ ଭଲ ଲାଗିଲା ନାହିଁ । ଗ୍ରାମ ଛାଡ଼ି ସେ ଆଗେଇ ଯାଉଛି, ନିର୍ଜ୍ଜନ ପଥ ପ୍ରାନ୍ତରେ ସେ ଜଣେ ଚିନ୍ତାଶୀଳ ପଥିକକୁ ଦେଖିବାକୁ ପାଇ ତାର ବିମର୍ଷତାର କାରଣ ପଚାରିଲା ।

ପଥିକ ବ୍ୟଥିତ କଣ୍ଠରେ ଉତ୍ତରଦେଲା ଯେ, ସେହି ଅଞ୍ଚଳରେ ସେ ଏକାନ୍ତ ନୂଆ । ବାଟ ଭୁଲି ସେ ବଡ଼ ଦୁଃଖ ଭୋଗ କରୁଛି । ପାପକକୁ ସେ ବାଟ ବତାଇଦେବା ପାଇଁ ଅନୁରୋଧ କଲା ।

ପାପକ ପ୍ରଶ୍ନ କଲା, ତୁମର ନାମ କ'ଣ ?

ପଥିକ ତାର ନାମ ପନ୍ଥକ ବୋଲି ଉତ୍ତର ଦେଲା ।

ପାପକ ଉକ୍ତ ବାଟବଣା ପଥିକକୁ ବାଟ ବତାଇଦେଲା ଓ ସେ ଚାଲିଯିବା ପରେ ସେଇଠି ଥକାହୋଇ ଛିଡ଼ାହୋଇ ମନକୁ ମନ ଭାବିଲା, ଏ କ'ଣ ହେଲା ? ଯା'ର ନାମ ପନ୍ଥକ ସେ ପୁଣି ପଥ ଚାଲିବାରେ ଭୁଲ କରି ପଥବଣା ହେଲା ? ତାହାହେଲେ ପନ୍ଥକ ନାମର ସାର୍ଥକତା ରହିଲା କେଉଁଠି ?

ପାପକ ଏଇକଥା ଭାବି ଭାବି ଆଗକୁ ପାଦ ବଢ଼ାଇଲା । ଏହିପରି ଆହୁରି କିଛିଦୂର ଆଗେଇ ଯିବାପରେ ଗୋଟିଏ ଗ୍ରାମ ପଡ଼ିଲା । ଚାଲି ଚାଲି ପାପକର ଗୋଡ଼ ଅବଶ ହୋଇ ପଡ଼ୁଥାଏ । ଶୋଷରେ ତା' ପାଟି ଶୁଖିଯାଉଥାଏ । ସେ କ୍ଲାନ୍ତ ହୋଇ ଜଣକର ଘର ମୁହଁରେ ବସିପଡ଼ିଲା । ସେଇଠି ସେ ଜଣେ ଗୃହିଣୀଙ୍କୁ ଦେଖି ପିଇବାକୁ ପାଣି ମାଗିଲା ।

ଗୃହିଣୀ ଜଣକ ସଙ୍ଗେ ସଙ୍ଗେ ତାଙ୍କ ପୁଅକୁ ଡାକି ପାପକକୁ ପାଣି ଦେବାକୁ କହିଲେ ।

ମାଆଙ୍କ ଆଦେଶରେ କଳାରଙ୍ଗର ବାଳକଟିଏ ଆସି ପାପକ ହାତକୁ ଜଳପାତ୍ରଟିଏ ବଢ଼ାଇଦେଲା ।

ପାପକ ପାଣି ପିଇସାରିବା ପରେ ବାଳକର ନାମ ଓ ପରିଚୟ ପଚାରିଲା ।

ଗୃହିଣୀ କହିଲେ, ସେହି ବାଳକଟି ତାଙ୍କର ପୁଅ ଓ ତାର ନାମ ହେମାଙ୍ଗ ।

Digitized by srujanika@gmail.com

ପାପକ ଏହି କୃଷ୍ଣକାୟ ବାଳକର ନାମ 'ହେମାଙ୍ଗ' ବୋଲି ଜାଣିବା-ପରେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲା, 'ଏପରି କଳାରଙ୍ଗର ବାଳକକୁ 'ହେମାଙ୍ଗ' ବୋଲି ନାମକରଣ କରିବାର ତାତ୍ପର୍ଯ୍ୟ କଣ ?

ଗୃହିଣୀ ମନ ଦୁଃଖରେ କହିଲେ, ଏ ପୁଅଟି ମୋର ଖୁବ୍ ଗୋରା ଥିଲା ; କିନ୍ତୁ ରୋଗରେ ପଡ଼ି କଳା ହୋଇଗଲା ।

ଠିକ୍ ଏତିକି ବେଳେ ହେମାଙ୍ଗର ଚାଲିଗୋଟି ଦୁଇଟି ହାତ ଧରାଧରି ହୋଇ ମାଆ ପାଖକୁ ଚାଲିଆସିଲେ ।

ଗୃହିଣୀ ତାଙ୍କ ମନଦୁଃଖ କଥା ପାପକ ଆଗରେ ବ୍ୟକ୍ତ କରିବାକୁ ଯାଇ କହିଲେ, ମୋ ଉପରେ ଦୁନିଆଯାକର ବିପତ୍ତି । ତା'ପରେ ସେ ତାଙ୍କର ମଝିଆଁ ପୁଅକୁ ଦେଖାଇ କହିଲେ, ଏଇ ପୁଅକୁ ଦେଖ ! ଏହାର ନାମ ରଖିଥିଲି 'କମଳାକ୍ଷ' ; କିନ୍ତୁ ଦଇବ କଣ ସହିଲା ? ବସନ୍ତ ରୋଗରେ ତାର ଦୁଇଟିଯାକ ଆଖି ନଷ୍ଟ ହେଲା । ତା'ପରେ ସେ ତାଙ୍କ ସଭସାନ ପୁଅକୁ ଦେଖାଇ କହିଲେ, ସାନବେଳେ ସେ ଖୁବ୍ ସୁନ୍ଦର ଓ ହୃଷ୍ଟପୁଷ୍ଟ ଥିଲା । ଏପରିକି ବାଟରେ ଚାଲିଗଲେ ଲୋକ ଦେଖି ଅଟକି ଯାଉଥିଲେ । ନାମ ଦେଇଥିଲି 'ବଳଭଦ୍ର' ; କିନ୍ତୁ ଅବସ୍ଥା ଏମିତି ପଡ଼ିଲା ଯେ, ରୋଗ ତାର ପିଛା ଛାଡ଼ିଲା ନାହିଁ । ତାର ସେ ଦେହ, ରୂପ ସବୁକିଛି ମଉଳିଗଲା । ଏବେ ଦେହରେ ପଞ୍ଜରା ହାଡ଼ ଦି' ଖଣ୍ଡ ଛଡ଼ା ଆଉ କିଛି ନାହିଁ । ଖାଲି ହାମୁଡ଼ୁଛି । ମୁଁ ବାଛି ବାଛି ଯେତେ ଭଲ ନାମ ଦେଲେ କଣ ହେବ, ବିଧାତା ସହିପାରୁ ନାହିଁ । ତେଣୁ ମୋ ଦେବା ନାମର କୌଣସି ମୂଲ୍ୟ ରହିଲା ନାହିଁ ।

ପାପକ ଗୃହିଣୀଙ୍କ ମୁହଁରୁ ନାମକରଣର ଲମ୍ବା ବିବରଣୀ ଶୁଣି ଅତ୍ୟନ୍ତ ବ୍ୟସ୍ତ ହେଲା । ତାର ଦୃଢ଼ ଧାରଣା ହେଲା ଯେ, ନାମର କିଛି ମୂଲ୍ୟ ନାହିଁ । ଏହା ମନୁଷ୍ୟର କୌଣସି ଗୁଣକୁ ବୁଝାଏ ନାହିଁ ।

ସେଇଠୁ ପାପକ ଆଉ କୁଆଡ଼େ ନ ଯାଇ ନିଜ ଗୁରୁଙ୍କ ନିକଟକୁ ତକ୍ଷଶିଳାକୁ ଫେରିଆସିଲା । ବୋଧିସତ୍ତ୍ୱଙ୍କୁ କହିଲା, ଗୁରୁଦେବ, ମୋର ନାମ ପରିବର୍ତ୍ତନ କରିବା ଆବଶ୍ୟକ ନାହିଁ । ମୋର ସେହି 'ପାପକ' ନାମ ଥାଉ ।

ବୋଧିସତ୍ତ୍ୱ ପାପକକୁ ତାର ମତ ପରିବର୍ତ୍ତନର କାରଣ ପଚାରିବାରୁ ପାପକ ତାର ଦୀର୍ଘ ପର୍ଯ୍ୟଟନର ବିବରଣୀ ପ୍ରକାଶ କଲା । ତା'ପରେ କହିଲା, ଯଦି 'ଜୀବକ' ବାଳକ ଅବସ୍ଥାରେ ଅକାଳରେ ମରିଯାଉଛି, 'ଲକ୍ଷ୍ମୀ' ଦାସୀ ହିସାବରେ ମାଡଗାଳି ଖାଇ ପେଟ ଚାଖଣ୍ଡିକ ପାଇଁ ପରଦୁଆରେ ଗତର ଖଟୁଛି, 'ପନ୍ଥକ' ପଥହରା ହୋଇ ବୁଲୁଛି, 'ହେମାଙ୍ଗ'ର ଦେହ ହାଣ୍ଡିକଳା, 'କମଳାକ୍ଷ'

Digitized by srujanika@gmail.com

ନାମର ଅଧିକାରୀ ଅଛ, 'ବଳଭଦ୍ର'ର ବଳ ନାହିଁ ବୋଲି ମାଟି ଉପରେ ହାମୁଡ଼ୁଛୁ, ତେବେ ନାମର ମୂଲ୍ୟ ବା କଣ ରହିଲା ? ମୋର ନାମ 'ପାପକ' ବୋଲି ମୁଁ ବା ଦୁଃଖ କରିବି କାହିଁକି ? ଏ ପୃଥିବୀରେ ନାମର ବିପରୀତ ରୂପ ଯେ ରହିଛି, ତାହା ତ ମୁଁ ଅନୁଭବ କରିଆସିଲି !

ବୋଧିସତ୍ତ୍ୱ ଏଥର ଆନନ୍ଦ ପ୍ରକାଶ କରି କହିଲେ, ମୁଁ ତୁମଠୁ ଏହି ପ୍ରକାର ଉତ୍ତର ହିଁ ଆଶା କରିଥିଲି । ଏବେ ତୁମେ ନାମର ମୂଲ୍ୟକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଛ । ଜନପ୍ରାଣୀ କମ୍ବା ଜିନିଷକୁ ଚିହ୍ନିବା ସକାଶେ ହିଁ ନାମକରଣ କରାଯାଇଥାଏ । ନାମ ଏକ ସଙ୍କେତ ମାତ୍ର । କୌଣସି ଲୋକ ନିଜ ନାମ ଯୋଗୁ ବଡ଼ହୁଏ ନାହିଁ । ସେ ବଡ଼ ହୁଏ ନିଜର କର୍ମ ଓ ସାଧନା ବଳରୁ । କର୍ମ ଓ ସାଧନା ନ ଥିଲେ ମଣିଷ ଯେତେବଡ଼ ନାମର ଅଧିକାରୀ ହେଲେ ମଧ୍ୟ ହାସ୍ୟାସ୍ପଦ ହୋଇଥାଏ ।

ବୋଧିସତ୍ତ୍ୱଙ୍କ ନିକଟରୁ ଏହି ପ୍ରକାର ଉପଦେଶ ପାଇ ପାପକ କୃତକୃତ୍ୟ ହେଲା । ଅଧ୍ୟାପକ ବୋଧିସତ୍ତ୍ୱଙ୍କ ଆଶୀର୍ବାଦ ଫଳରେ ଓ ନିଜର କର୍ମ ଓ ସାଧନା ବଳରେ ସେ ପ୍ରସିଦ୍ଧ ତକ୍ଷଶିଳାର ଶ୍ରେଷ୍ଠ ବିଦ୍ୟାର୍ଥୀ ରୂପେ ଖ୍ୟାତି ଅର୍ଜ୍ଜନ କରିଥିଲା ।

———

Digitized by srujanika@gmail.com